بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସାପ୍ତାହିକ ବଦର୍

Weekly BADAR Qadian Odia

କାଦିଆନ

www.akhbarbadarqadian.in

ସଂଖ୍ୟା 28

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

09 ଜୁଲାଇ 2020 | 09 ଓ୍ଫା 1399 ହି.ଶ | 17 ଜୁଲ୍‌କାଦାଃ 1441 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

اِنَّمَا التَّوۡبَۃُ عَلَی اللّٰہِ لِلَّذِیۡنَ یَعۡمَلُوۡنَ السُّوۡٓءَ بِجَہَالَۃٍ ثُمَّ یَتُوۡبُوۡنَ مِنۡ قَرِیۡبٍ فَاُولٰٓئِکَ یَتُوۡبُ اللّٰہُ عَلَیۡہِمۡ ؕ وَکَانَ اللّٰہُ عَلِیۡمًا حَکِیۡمًا ۝ (النساء:18)

ଅନୁବାଦ- ଅଲ୍ଲାଃଙ୍କ ନିକଟରେ କେବଳ ସେହି (ଲୋକ)ମାନଙ୍କର ଅନୁତାପ ଗ୍ରହଣୀୟ ଯେଉଁମାନେ ଅଜ୍ଞତା-ବଶତଃ ମନ୍ଦ କାର୍ଯ୍ୟ କରନ୍ତି ଓ ତତ୍ପରେ ଅତି ଶୀଘ୍ର ଅନୁତାପ କରନ୍ତି; ଏବଂ ଏ ଲୋକମାନେ ଏପରି ଯେଉଁମାନଙ୍କ ପ୍ରତି ଅଲ୍ଲାଃ ଦୟା ପ୍ରଦର୍ଶନ କରନ୍ତି; ଏବଂ ଅଲ୍ଲାଃ ହିଁ ସର୍ବଜ୍ଞ (ଓ) ତତ୍ୱଜ୍ଞ ।

*(ଆଲେ ଇମରାନ୍: ୧୮)*

## ଅହ୍‌ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫିଁ'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

---

**ମାର୍ଗଦର୍ଶନ ପାଇବାକୁ ଇଚ୍ଛୁକ ଲୋକେ ଜାଣି ରଖନ୍ତୁ ଯେ ବର୍ତମାନ ପରିସ୍ଥିତିରେ ଚତୁର୍ଦ୍ଦଶ ଶତାବ୍ଦୀର ମୁଜଦ୍ଦିଦ୍‌ଙ୍କ କାର୍ଯ୍ୟ ହେଉଛି ଏହା କି ସେ କୃଶଭଙ୍ଗ କରିବେ କାରଣ କୃଶର ଫିତ୍‌ନା ଭିଷଣ ଭାବେ ବଢ଼ିଯାଇଛି ।**

**ଯେଉଁମାନେ ସତ୍ୟପ୍ରତି ମନବଳାଇଛନ୍ତି ସେମାନଙ୍କ ପ୍ରତି ମୋର ଧ୍ୟାନ । କିନ୍ତୁ ଯେଉଁମାନେ ସତ୍ୟ ଖୋଜିବାକୁ ଚାହୁଁନାହାନ୍ତି ଓ ସେମାନଙ୍କର ଆଭିମୂଖ୍ୟ ହିଁ ବଙ୍କା, ସେମାନେ ଆମଠାରୁ କଣ ଲାଭ ପାଇପାରିବେ ? ମନେରଖ ମାର୍ଗଦର୍ଶନ ତ ସେମାନଙ୍କୁ ହିଁ ମିଳିଥାଏ ଯେଉଁମାନେ ବିଦ୍ୱେଷଭାବରୁ ଦୁରେଇ ରହିଥାନ୍ତି । ଯେଉଁମାନେ ଉପାୟ ଅବଲମ୍ବନ କରନ୍ତି ନାହିଁ ସେମାନେ ଲାଭ ଉଠାଇ ପାରିବେ ନାହିଁ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଚତୁର୍ଦ୍ଦଶ ଶତାବ୍ଦୀର ସଂସ୍କାରକ ଏବଂ ତାଙ୍କର କାର୍ଯ୍ୟ

ମଗ୍‌ରିବ୍ ନମାଜ ପରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ: "ଇସାଇମାନଙ୍କ ଫିତ୍‌ନା ହେଉଛି ଉମ୍ମୁଲ୍ ଫିତ୍‌ନା (ଅର୍ଥାତ ସମସ୍ତ ଫିତ୍‌ନାର ଉତ୍ସ) ସେଥିଯୋଗୁଁ ଚତୁର୍ଦ୍ଦଶ ଶତାବ୍ଦୀର ମସିହ୍ ମଉଦ୍ ହେଉଛନ୍ତି ମୁଜଦ୍ଦିଦ୍ ଅର୍ଥାତ ସଂସ୍କାରକ । କାରଣ ଆହାଦିସ୍‌ରୁ ମସିହ୍ ମଉଦ୍‌ଙ୍କ କାର୍ଯ୍ୟ କୃଶ ଭଙ୍ଗକାରୀ ବୋଲି ପ୍ରମାଣିତ ରହିଛି । ଏପିରି କି ଆମର ବିରୋଧିମାନେ ମଧ୍ୟ ମାନୁଛନ୍ତି ଯେ ଚତୁର୍ଦ୍ଦଶ ଶତାବ୍ଦୀର ସଂସ୍କାରକଙ୍କ ନାମ **ୟକ୍‌ସିରୁସ ସଲିବା** (ଅର୍ଥାତ କୃଶଭଙ୍ଗକାରୀ) ହେବା ଉଚିତ କାରଣ ତାଙ୍କ ସମ୍ମୁଖରେ ଏହି ମୁସିବତ୍ ରହିଛି । ତେଣୁ ମସିହ୍ ମଉଦଙ୍କୁ ଶତାବ୍ଦୀର ସଂସ୍କାରକ ରୂପେ ଅସ୍ୱୀକାର କରିବାକୁ ଆଉ କଣ ରାସ୍ତା ରହିଲା । ଯେଉଁମାନେ ସତ୍ୟପ୍ରତି ମନବଳାଇଛନ୍ତି ସେମାନଙ୍କ ପ୍ରତି ମୋର ଧ୍ୟାନ । କିନ୍ତୁ ଯେଉଁମାନେ ସତ୍ୟ ଖୋଜିବାକୁ ଚାହୁଁନାହାନ୍ତି ଓ ସେମାନଙ୍କର ଆଭିମୂଖ୍ୟ ହିଁ ବଙ୍କା, ସେମାନେ ଆମଠାରୁ କଣ ଲାଭ ପାଇପାରିବେ ? ମନେରଖ ମାର୍ଗଦର୍ଶନ ତ ସେମାନଙ୍କୁ ହିଁ ମିଳିଥାଏ ଯେଉଁମାନେ ବିଦ୍ୱେଷଭାବରୁ ଦୁରେଇ ରହିଥାନ୍ତି । ଯେଉଁମାନେ ଉପାୟ ଅବଲମ୍ବନ କରନ୍ତି ନାହିଁ ସେମାନେ ଲାଭ ଉଠାଇ ପାରିବେ ନାହିଁ । ଅତଏବ ମାର୍ଗଦର୍ଶନ ପାଇବାକୁ ଇଚ୍ଛୁକ ଲୋକେ ଜାଣିରଖନ୍ତୁ ଯେ ବର୍ତମାନ ପରିସ୍ଥିତିରେ ଚତୁର୍ଦ୍ଦଶ ଶତାବ୍ଦୀର ମୁଜଦ୍ଦିଦଙ୍କ କାର୍ଯ୍ୟ ହେଉଛି ଏହା କି ସେ କୃଶଭଙ୍ଗ କରିବେ । କାରଣ କୃଶର ଫିତ୍‌ନା ଭିଷଣ ଭାବେ ବଢ଼ିଯାଇଛି । ଇସ୍‌ଲାମ୍ ଏପରି ଧର୍ମ ଥିଲା ଯେ ଯଦି ଜଣେ ମଧ୍ୟ ସେଥିରୁ ବାହାରି ଯାଉଥିଲା ତେବେ ପ୍ରଳୟ ହୋଇଯାଉଥିଲା କିନ୍ତୁ ଏବେ କେଢ଼େ ଦୁର୍ଭାଗ୍ୟଜନକ ଅବସ୍ଥା ଯେ ମୁରତଦ୍ (ଅର୍ଥାତ ଇସ୍‌ଲାମ୍‌କୁ ଛାଡ଼ି ଚାଲିଯାଉଥିବା) ଲୋକମାନଙ୍କ ସଂଖ୍ୟା ଲକ୍ଷାଧିକ ହୋଇଗଲାଣି । ଯେଉଁ ଲୋକମାନେ ମୁସଲମାନମାନଙ୍କ ଘରେ ଜନ୍ମ ହୋଇଥିଲେ ଏବେ ସେମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ପରି ପୂର୍ଣ୍ଣମାନବ, ଯାହଙ୍କ ପବିତ୍ରତାର କୌଣସି ଦୃଷ୍ଟାନ୍ତ ଏ ପୃଥିବୀରେ ନାହିଁ, ତାଙ୍କ ଉପରେ ସେମାନେ ଭଳିଭଳିକା ଆପତି ଅଭିଯୋଗ କରୁଛନ୍ତି ଯେ କୋଟି କୋଟି ପୁସ୍ତକ ସେହି ନିରୀହମାନଙ୍କ ସର୍ଦ୍ଦାର (ଅର୍ଥାତ ରସୁଲୁଲ୍ଲାଃ ସ:ଆ:ସ)ଙ୍କୁ ମିଥ୍ୟାଚାରୀ ବିବେଚିତ କରିବା ପାଇଁ ସେହି ଗୋଷ୍ଠିଙ୍କ ତରଫରୁ ଛପାଇ ପ୍ରକାଶ କରାଯାଇଛି । ସେହିପରି ଅନେକ ସ୍ଥାୟୀ ସାପ୍ତାହିକ ଓ ମାସିକ ଖବରକାଗଜ ଏବଂ ପତ୍ରିକାମାନ ଏହି ଉଦ୍ଦେଶ୍ୟରେ ସେମାନେ ଜାରି ରଖିଛନ୍ତି । ତେବେ ପୁଣି ଏହିପରି ଅବସ୍ଥାରେ ମଧ୍ୟ ଖୁଦାତାଲା କୌଣସି ମୁଜଦ୍ଦିଦ୍ ପଠାଇ ନଥାନ୍ତେ ? ଏବଂ ଯଦି କୌଣସି ମୁଜଦ୍ଦିଦ୍ ଆସିବେ, ତେବେ ତୁମେ ହିଁ ଖୁଦାଙ୍କ ଖାତିର୍ ଚିନ୍ତାକରି ବତାଓ ଯେ, କଣ ତାହାଙ୍କ କାର୍ଯ୍ୟ ଏହା ହେବା ଉଚିତ କି ସେ **ରଫାଆ ୟଦୈନ୍** (ଅର୍ଥାତ ନମାଜ ପଢ଼ିବା ବେଳେ ଦୁଇହାତକୁ ଉଠାଇବାର ପଦ୍ଧତି) ର ଝଗଡ଼ା କରିବେ ବା ଆମିନ୍ ଉଚ୍ଚସ୍ୱରରେ ପଢ଼ିବା କି ନାହିଁ ତା'ଉପରେ ଲଢ଼ିବେ ।

ଚିନ୍ତାକର ଯେଉଁ ରୋଗ ମହାମାରୀ ସଦୃଶ ବ୍ୟାପିଚାଲିଛି, ଡ଼ାକ୍ତର ତା'ର ଉପଚାର କରିବ ନା ଅନ୍ୟ କୌଣସି ରୋଗର । ରସୁଲୁଲ୍ଲାଃ ସ:ଆ:ସଙ୍କୁ ପରିହାସ କରିବାର ସୀମା ଟପି ଗଲାଣି । .................. ଆଜି ପରିସ୍ଥିତି ଏପରି ହୋଇଯାଇଛି ଯେ ପରିହାସ ମୂଳକ ପୁସ୍ତକ ପଢୁଛନ୍ତି ଓ ଶୁଣୁଛନ୍ତି କିନ୍ତୁ କୌଣସି କ୍ରୋଧ ଅନୁଭବ କରୁନାହାନ୍ତି ଏବଂ ଏତିକି ମଧ୍ୟ ହେଉନାହିଁ ଯେ ସେସବୁକୁ ଘୃଣା ହିଁ କରିପାରିବେ ବରଂ ଓଲଟା ଯେଉଁ ବ୍ୟକ୍ତିଙ୍କୁ ଖୁଦାତାଲା ବିଶେଷରୂପେ ଏହି **ଫିତ୍‌ନା** (ବିଭ୍ରାଟ)ର ସଂସ୍କାର କରିବାପାଇଁ ପ୍ରେରଣ କରିଛନ୍ତି ଏବଂ ଯେଉଁ ବ୍ୟକ୍ତି ରସୁଲୁଲ୍ଲାଃ ସ:ଆ:ସଙ୍କ ସମ୍ମାନ ଓ ଗୌରବ ପ୍ରତିଷ୍ଠ ପାଇଁ ଏକ ବିଶେଷ ଆତ୍ମ ସ୍ୱାଭିମାନ ନେଇ ଆସିଛି, ତାକୁ ବିରୋଧ କରୁଛନ୍ତି ଏବଂ ତାଙ୍କୁ ଥଟ୍ଟା ପରିହାସ କରୁଛନ୍ତି, ଖୁଦାତାଲା ଏପରି ଲୋକମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ଆମିନ୍..."

### ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସାହାଯ୍ୟ ସହଯୋଗ ମିଳିବା ସମ୍ବନ୍ଧରେ ଏକ ମହାନ ପେଶ୍‌ଗୋଇ (ଭବିଷ୍ୟବାଣୀ)

କହିଲେ: ଅଲ୍ଲାଃ ତାଲା ପବିତ୍ର କୁର୍‌ଆନରେ ଗୋଟିଏ ସୁରଃ ଅବତୀର୍ଣ୍ଣ କରି ରସୁଲୁଲ୍ଲାଃ ସ:ଆ:ସଙ୍କ ସମ୍ମାନ ଓ ପଦମର୍ଯ୍ୟାଦା ପ୍ରକାଶ କରିଛନ୍ତି । ସେହି ସୁରଃଟି ହେଉଛି **ଅଲମ୍ ତରା କୈଫା ଫାଆଲା ରବ୍‌ବୁକା ବିଅସ୍‌ହାବିଲ୍‌ଫିଲ୍** (ଅଲ୍‌ଫିଲ୍: ୨) ଏହି ସୁରଃଟି ଏପରି ଅବସ୍ଥାରେ ଅବତୀର୍ଣ୍ଣ ହୋଇଥିଲା, ଯେବେ ସର୍‌ଓ୍ୱରେ କାଏନାତ୍ ସ:ଆ:ସ (ଅର୍ଥାତ ହଜ୍‌ରତ୍ ମୁହମ୍ମଦ ସ:ଆ:ସ) ଦୁଃଖ ଓ କଷ୍ଟ ଉଠାଇଥିଲେ । ଅଲ୍ଲାଃ ତାଲା ଏହିଭଳି ପରିସ୍ଥିତିରେ ଆପଣ ସ:ଆ:ସଙ୍କୁ ଏ ସାନ୍ତ୍ୱନା ଦେଲେ ଯେ ମୁଁ ହେଉଛି ତୁମର ସହଯୋଗୀ ଓ ସାହାଯ୍ୟକାରୀ ।

ଏଥିରେ ଏକ ମହାନ୍ ଭବିଷ୍ୟବାଣୀ ରହିଛି ଯେ କଣ ତୁମେ ଦେଖିନାହଁ ଯେ ତୁମ ପାଳନକର୍ତା ଅସ୍‌ହାବେ ଫିଲ୍ (ଅର୍ଥାତ ହାତି ଦ୍ୱାରା ଖାନାକାବା ଉପରେ ଆକ୍ରମଣ କରିଥିବା ଲୋକମାନଙ୍କ) ସହିତ କିପରି ବ୍ୟବହାର କଲେ ? ଅର୍ଥାତ ସେମାନଙ୍କର ଛଳକପଟପୂର୍ଣ୍ଣ ଯୋଜନାକୁ ଓଲଟାଇ ତାଙ୍କ ଉପରେ ହିଁ ପକାଇଦେଲେ ଓ ଛୋଟ ଛୋଟ ଜୀବମାନଙ୍କୁ ସେମାନଙ୍କୁ ମାରିବାପାଇଁ ପଠାଇ ଦେଲେ । ସେହି ଜୀବମାନଙ୍କ ହାତରେ କୌଣସି ବନ୍ଧୁକ ନଥିଲା ବରଂ ମାଟି ଥିଲା । ଓଦା ମାଟିକୁ ସିଜିଲ୍ କୁହାଯାଏ । ଏହି ପବିତ୍ର ସୁରଃରେ ଅଲ୍ଲାଃ ତାଲା ରସୁଲୁଲ୍ଲାଃ ସ:ଆ:ସଙ୍କୁ ଖାନାକାବା ରୂପେ ଅବିଭିତ କରିଛନ୍ତି ଏବଂ ଅସ୍‌ହାବିଲ୍ ଫିଲ୍ ଘଟଣାକୁ ଉପସ୍ଥାପନ କରି ଆପଣ ସ:ଆ:ସଙ୍କ ସଫଳତା ଓ ଆପଣଙ୍କୁ ସାହାଯ୍ୟ ସହଯୋଗ କରିବାର ଭବିଷ୍ୟବାଣୀ କରିଛନ୍ତି ।

ଅର୍ଥାତ ଆପଣ ସ:ଆ:ସଙ୍କ ସମସ୍ତ କାର୍ଯ୍ୟପନ୍ଥା/କାର୍ଯ୍ୟକ୍ରମକୁ ବର୍‌ବାଦ୍ କରିବାପାଇଁ ସେମାନେ ଯେଉଁ ଯୋଜନା କରୁଛନ୍ତି, ସେମାନଙ୍କୁ ହିଁ ଧ୍ୱଂସ କରିବା ପାଇଁ ଅଲ୍ଲାଃ ତାଲା ସେମାନଙ୍କର ଯୋଜନା ଓ ଚେଷ୍ଟାକୁ ଓଲଟା କରିଦେଉଛନ୍ତି । ଏଥି ସକାଶେ କୌଣସି ବଡ଼

ସାମାନ୍‌ର ଆବଶ୍ୟକ ହୋଇନଥାଏ । ଉଦାହରଣ ସ୍ୱରୁପ ହାତିମାନଙ୍କୁ ଛୋଟ ଛୋଟ ପକ୍ଷୀ ଧ୍ୱଂସ କରିଦେଲେ । ସେହିପରି ଏହି ଭବିଷ୍ୟବାଣୀ କୟାମତ ପର୍ଯ୍ୟନ୍ତ ରହିବ । ଯେତେବେଳେ କୌଣସି ଅସ୍‌ହାବେ ଫିଲ୍ ଜନ୍ମ ହେବ ସେତେବେଳେ ଅଲ୍ଲାଃ ତାଲା ତାକୁ ଧ୍ୱଂସ କରିବାପାଇଁ ସେମାନଙ୍କ ଚେଷ୍ଟା ଓ ଯୋଜନାକୁ ମାଟିରେ ମିଶାଇ ଦେବାର ବ୍ୟବସ୍ଥା କରିଦେବେ ।

ପାଦ୍ରୀମାନଙ୍କର ସିଦ୍ଧାନ୍ତ ହେଉଛି ଏପରି । ସେମାନଙ୍କ ଛାତି ଉପରେ ଇସ୍‌ଲାମ୍ ହିଁ ପଥର ହୋଇ ରହିଛି । ନଚେତ ବାକି ସବୁ ଧର୍ମ ସେମାନଙ୍କ ନିକଟରେ ନପୁଂସକ । ହିନ୍ଦୁ ମଧ୍ୟ ଇସାଇ ହୋଇ ଇସ୍‌ଲାମ୍ ବିପକ୍ଷରେ ପୁସ୍ତକ ଲେଖୁଛି । ରାମଚନ୍ଦ୍ର ଓ ଠାକୁର ଦାସ୍ ଇସ୍‌ଲାମକୁ ରଦ୍ଦ କରିବାପାଇଁ ନିଜର ସମସ୍ତ ଶକ୍ତି ବିନିଯୋଗ କରି ପୁସ୍ତକ ଲେଖିଛନ୍ତି । କଥା ହେଉଛି ଏହା କି ସେମାନଙ୍କର ମନ କହୁଛି ଯେ ସେମାନଙ୍କୁ ଇସ୍‌ଲାମ୍ ହିଁ ଧ୍ୱଂସ କରିଦେବ । ପ୍ରାକୃତିକ ଭୟ ସେମାନଙ୍କୁ ଲାଗି ରହିଛି, ଯାହା ଜରିଆରେ ଧ୍ୱଂସ ହୋଇଥାଏ । ଗୋଟିଏ କୁକୁଡ଼ା ଛୁଆ ବିଲେଇକୁ ଦେଖି ଚିତ୍କାର କରିଥାଏ । ସେହିଭଳି ଅନ୍ୟ ଧର୍ମର ଅନୁଗାମୀମାନେ ସାଧାରଣତଃ ଓ ପାଦ୍ରୀମାନେ ବିଶେଷତଃ, ଇସ୍‌ଲାମ୍‌କୁ ରଦ୍ଦ କରିବାପାଇଁ ଏଥଯୋଗୁଁ ପ୍ରାଣ ପଣେ ଚେଷ୍ଟା କରୁଛନ୍ତି ଯେ ସେମାନଙ୍କୁ ତାହା ବିଶ୍ୱାସ ହୋଇଯାଇଛି । ଭିତରେ ଭିତରେ ତାଙ୍କ ମନ ତାଙ୍କୁ ବାତଇ ଦେଉଛି ଯେ ଇସ୍‌ଲାମ୍ ହିଁ ହେଉଛି ଏପରି ଧର୍ମ ଯିଏ ମିଥ୍ୟାପୂର୍ଣ୍ଣ ଧର୍ମଗୁଡ଼ିକୁ ପେଶି ପକାଇବ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ:୧୫୮-୧୬୦ ପ୍ରକାଶନ୨୦୧୮ କାଦିୟାନ)*

*ପୃଷ୍ଠା- ୧୧ର ଅବଶିଷ୍ଟାଂଶ ......*

ଅ:ବ:ଅଙ୍କ ସହିତ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ସେ ମହାଶୟ ମଧ୍ୟ ଜର୍ମାନୀରୁ କାଫିଲା ସହିତ ଆସିଥିବା ୱଫଦ୍‌ରେ ସାମିଲ ହୋଇଥିଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ମହିଳାମାନଙ୍କ ନିକଟକୁ ଗଲେ ଯେଉଁଠି ମହିଳାମାନେ ହଜୁରଙ୍କୁ ଦର୍ଶନ କରିବାର ସୁଯୋଗ ପାଇଲେ । ୪:୧୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ସାମୁହିକ ଦୁଆ କରାଇଲେ । ଏହାପରେ ପ୍ରୋଗ୍ରାମ ମୁତାବକ ଏଠାରୁ ଫ୍ରାନ୍ସର ବନ୍ଦର କାଲାଇସ୍ ଆଡ଼କୁ ଯାତ୍ରା ଆରମ୍ଭ ହେଲା ଏବଂ ଠିକ୍ ୬:୧୦ ମିନିଟରେ ଚ୍ୟାନେଲ୍ ଟନଲ୍‌ଠାରେ ପହଂଚିଲେ । ଜର୍ମାନୀରୁ ସାଥିରେ ଆସିଥିବା ସଦସ୍ୟମାନେ ଓ ଖୁଦାମ୍‌ର ସିକ୍ୟୁରିଟି ଟିମ୍ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଚ୍ୟାନେଲ୍ ଟନଲ୍ ପର୍ଯ୍ୟନ୍ତ ଛାଡ଼ିବାପାଇଁ ଓ ବିଦାୟ ଦେବାପାଇଁ କାଫିଲା ସହିତ ହିଁ ଥିଲେ । ଏହିପରି ବେଲ୍‌ଜିୟମ୍‌ର ଭାରପ୍ରାପ୍ତ ଅମୀର ସାହେବ, ମୋକରମ୍ ଅସଦ୍ ମୁଜିବ୍ ସାହେବ୍, ମୋକରମ୍ ରଫିକ ହାଶିମ୍ ସାହେବ, ରାଜା ଲତିଫ୍ ଅହେମଦ୍ ସାହେବ୍, ମୋକରମ୍ ସେଖ୍ ଅନୁଓ୍ୱର ଇକବାଲ୍ ସାହେବ୍, ମୋକରମ୍ ସେଖ୍ ୱସିମ୍ ଅହେମଦ୍ ସାହେବ୍ ଏବଂ ସଦର ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ମୋକରମ୍ ତୌସିଫ୍ ଅହେମଦ୍ ସାହେବ୍ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଏଠାରୁ ଲଣ୍ଡନ ନିମନ୍ତେ ବିଦାୟ ସମ୍ବର୍ଦ୍ଧନା ଜଣାଇବାପାଇଁ କାଫିଲା ସହିତ ଆସିଥିଲେ ।

ପାସପୋର୍ଟ, ଇମିଗ୍ରେସନ୍ ଏବଂ ଅନ୍ୟାନ୍ୟ କାଗଜପତ୍ର କ୍ଲିଅରାନ୍ସ କରିବା ପରେ ଠିକ୍ ୭:୧୦ ମିନିଟରେ କାଫିଲାର ଗାଡ଼ି ଗୁଡ଼ିକ ଟ୍ରେନ ଉପରେ ରଖାଗଲା ଏବଂ ଏହି ଟ୍ରେନଟି ଠିକ୍ ୭:୨୦ ମିନିଟରେ କାଲାଇସ୍‌ରୁ ବ୍ରିଟେନ୍‌ର ସମୁଦ୍ରକୂଳରେ ଥିବା ସହର ଡ଼ୋଭର୍ ଆଡ଼କୁ ଯାତ୍ରା ଆରମ୍ଭ କଲା । ପାଖାପାଖି ଅଧଘଂଟା ଯାତ୍ରା କରିବାପରେ ଟ୍ରେନଟି ଚ୍ୟାନେଲ ଟନଲକୁ ଅତିକ୍ରମ କରି ଡ଼ୋଭର ସହର ନିକଟରେ ବ୍ରିଟେନର ଭୁମିରେ ପ୍ରବେଶ କଲା ଏବଂ ନିଜର ବିଶେଷ ଷ୍ଟେସନରେ ଯାଇ ରହିଲା । ପାଖାପାଖି ୧୦ ମିନିଟର ବିରତି ପରେ ଫ୍ରାନ୍ସର ସ୍ଥାନୀୟ ସମୟ ମୁତାବକ ୭:୫୦ ମିନିଟ ଏବଂ ବ୍ରିଟେନ୍‌ର ସମୟ ମୁତାବକ ୬:୫୦ ମିନିଟରେ କାଫିଲାର ଗାଡ଼ି ଗୁଡ଼ିକ ଟ୍ରେନ ଭିତରୁ ବାହାରକୁ ବାହାର କରାଗଲା ଏବଂ ମୋଟରଓ୍ୱେ ଉପରେ ଯାତ୍ରା ଆରମ୍ଭ ହେଲା । (ବ୍ରିଟେନର ସମୟ ଫ୍ରାନ୍ସର ସମୟଠାରୁ ଏକଘଂଟା ପଛୁଆ)

ମୋକରମ୍ ମନ୍‌ସୁର୍ ଅହେମଦ୍ ଶାହା ସାହେବ୍ ନାଏବ ଅମୀର ଯମାତ୍ ଅହେମଦୀୟା ୟୁକେ, ମୋକରମ୍ ଅତାଉଲ୍ ମୁଜିର୍ ରାଶିଦ୍ ସାହେବ୍ ମୁବଲିଗ୍ ଇନ୍‌ଚାର୍ଜ ୟୁ.କେ, ମୋକରମ୍ ମିର୍ଜା ନାସିର୍ ଇନ୍‌ଆମ୍ ସାହେବ୍ ପ୍ରିନ୍ସପାଲ୍ ଯାମିୟା ଅହେମଦୀୟା ୟୁକେ, ମୋକରମ୍ ମୁବାରକ୍ ଅହେମଦ୍ ଜଫର୍ ସାହେବ୍ ଏଡ଼ିସ୍‌ନାଲ୍ ୱକିଲୁଲ୍ ମାଲ୍ ଲଣ୍ଡନ, ମୋକରମ୍ ଏଖ୍‌ଲାକ ଅହେମଦ୍ ଅଞ୍ଜୁମ୍ ସାହେବ୍, ମୋକରମ୍ ଅବ୍‌ଦୁଲ୍ କୁଦୁସ୍ ଆରିଫ୍ ସାହେବ ସଦର୍ ଖୁଦାମୁଲ୍ ଅହେମଦୀୟା ୟୁକେ ଏବଂ ମୋକରମ୍ ମେଜର୍ ମେଜର୍ ମେହମୁଦ୍ ଅହେମଦ୍ ସାହେବ୍ ଅଫିସର ବିଶେଷ ସୁରକ୍ଷାବଳ ନିଜ ସିକ୍ୟୁରିଟି ଟିମ୍‌ଙ୍କ ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବାକୁ ଉପସ୍ଥିତ ଥିଲେ ।

ପାଖାପାଖି ଦେଢ଼ଘଂଟା ଯାତ୍ରା କରିବାପରେ ଠିକ୍ ୮:୨୦ ମିନିଟ୍‌ରେ ମର୍‌କଜ୍ ଇସ୍‌ଲାମାବାଦରେ ପଦାର୍ପଣ ହେଲା । ଯେଉଁଠି ଯମାତ୍‌ର ପୁରୁଷ ମହିଳା ବହୁସଂଖ୍ୟାରେ ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ । କସ୍‌ରେ ଖିଲାଫତ୍ ର ଗୋଟିଏ ଭାଗକୁ ସୁନ୍ଦର ପତାକାରେ ସଜା ଯାଇଥିଲା । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ନିଜର ହାତକୁ ଉପରକୁ କରି ସମସ୍ତଙ୍କୁ ଅସ୍‌ସଲାମୁ ଆଲୈକୁମ୍ କହିଲେ ତା'ପରେ ନିଜ ଆବାସସ୍ଥଳୀକୁ ଚାଲିଗଲେ । ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଯେଉଁ ସୌଭାଗ୍ୟବାନ ଲୋକମାନଙ୍କୁ ଏହି ଯାତ୍ରାରେ ଯିବାପାଇଁ ସୌଭାଗ୍ୟ ମିଳିଥିଲା ସେମାନଙ୍କର ନାମ ରେକର୍ଡ଼ରେ ରହିବାପାଇଁ ନିମ୍ନରେ ଦିଆଗଲା ।

ହଜ୍‌ରତ୍ ସୟଦାଃ ଅମତୁସ୍ ସବୁହ୍ ସାହିବା ମଦଜିଲ୍ଲହାଲ୍ ଆଲି (ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ପତ୍ନୀ)

ମୋକରମ୍ ମନ୍‌ସୁର୍ ଅହ୍‌ମଦ୍ ଡ଼ାହିରି ସାହେବ୍, ମୋକରମ୍ ମୁନୀର ଅହ୍‌ମଦ୍ ଜାଓ୍ୱେଦ୍ ସାହେବ (ପ୍ରାଇଭେଟ୍ ସେକ୍ରେଟାରୀ), ମୋକରମ୍ ଆବିଦ୍ ୱହିଦ୍ ଖାନ୍ ସାହେବ୍ (ଇନ୍‌ଚାର୍ଜ ପ୍ରେସ ଏଣ୍ଡ ମିଡ଼ିଆ ଅଫିସ୍ ଲଣ୍ଡନ), ମୋକରମ୍ ସୟଦ୍ ମୁହମ୍ମଦ ଅହ୍‌ମଦ୍ ନାସିର୍ ସାହେବ୍ (ନାଏବ୍ ଅଫିସର୍ ବିଶେଷ ସୁରକ୍ଷା ବଳ, ଲଣ୍ଡନ), ମୋକରମ୍ ନାସିର୍ ଅହ୍‌ମଦ୍ ସଇଦ୍ ସାହେବ୍ (ସୁରକ୍ଷା ବିଭାଗ), ମୋକରମ୍ ସଖାଓ୍ୱତ୍ ଅଲୀ ବାଜ୍‌ୱା ସାହେବ୍ (ସୁରକ୍ଷା ବିଭାଗ), ମୋକରମ୍ ଖ୍ୱାଜା ଅବ୍‌ଦୁଲ୍ କୁଦୁସ୍ ସାହେବ୍ (ସୁରକ୍ଷା ବିଭାଗ), ମୋକରମ୍ ନସିରୁଦ୍ଦିନ୍ ହୁମାୟୁଁ ସାହେବ (ସୁରକ୍ଷା ବିଭାଗ), ମୋକରମ୍ ମହ୍‌ମୁଦ୍ ଅହ୍‌ମଦ୍ ଖାନ୍ ସାହେବ (ସୁରକ୍ଷା ବିଭାଗ), ମୋକରମ୍ ଜଫର୍ ଅହ୍‌ମଦ୍ ସାହେବ (ସୁରକ୍ଷା ବିଭାଗ), ଏ ଅଧମ ଅବ୍‌ଦୁଲ୍ ମାଜିବ୍ ତାହେର୍ (ଏଡ଼ିଶିନାଲ୍ ୱକିଲୁଲ୍ ତବ୍‌ଶିର୍ ଲଣ୍ଡନ) ।

ଏତଦ୍‌ବ୍ୟତିତ ମୋକରମ୍ ନଦିମ୍ ଅହ୍‌ମଦ୍ ଅମିନି ସାହେବ୍, ମୋକରମ୍ ନାସିର୍ ଅହ୍‌ମଦ୍ ଅମିନି ସାହେବ୍, ମୋକରମ୍ ଡ଼ାକ୍ତର ଜଦ୍‌ରାନ୍ ସାହେବ ଏବଂ ମୋକରମ୍ ଅସଦ୍ ଅହ୍‌ମଦ୍ ସାହେବଙ୍କୁ କାଫିଲାର ଗାଡ଼ିଗୁଡ଼ିକୁ ଚଳାଇବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା ।

ଏମ୍.ଟି.ଏ ଇଂଟରନ୍ୟାସନାଲ (ୟୁ.କେ)ର ନିମ୍ନଲିଖିତ ସଦସ୍ୟମାନେ ଏହି ଗସ୍ତରେ ହୋଇଥିବା ଖୁତ୍‌ବା ଯୁମା, ପ୍ରତିନିଧି ମଣ୍ଡଳ ସହିତ ହୋଇଥିବା ମିଟିଙ୍ଗ, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହୋଇଥିବା ସାକ୍ଷାତକାର ଏବଂ ଅନ୍ୟ ସମସ୍ତ ପ୍ରୋଗ୍ରାମଗୁଡ଼ିକର ସିଧାପ୍ରସାରଣ କରିବାପାଇଁ ଜଲ୍‌ସା ସାଲାନାର ପ୍ରୋଗ୍ରାମଗୁଡ଼ିକର ସିଧା ପ୍ରସାରଣ କରିବାପାଇଁ ଏହି ଗସ୍ତରେ ସାମିଲ ହେବାର ସୌଭାଗ୍ୟପ୍ରାପ୍ତ କରିଥିଲେ । (୧) ମୋକରମ୍ ମୁନୀର୍ ଅହ୍‌ମଦ୍ ଅଓଦାଃ ସାହେବ (୨) ମୋକରମ୍ ସଫିରୁଦ୍ଦିନ୍ କମର୍ ସାହେବ୍ (୩) ମୋକରମ୍ ଅଦ୍‌ନାନ୍ ଜାହିଦ୍ ସାହେବ (୪) ମୋକରମ୍ ସୟଦ ୱସିମ୍ ସାହେବ୍ (୫) ମୋକରମ୍ ଜକିଉଲ୍ଲାଃ ସାହେବ (୬) ମୋକରମ୍ ଅବ୍‌ଦୁଲ୍ ହଲିମ୍ ସାହେବ୍ ମୁରବି ସିଲ୍‌ସିଲା ।

ଏମ୍.ଟି.ଏର ଟିମ୍ ବ୍ୟତିତ ମଖ୍‌ଜନେ ତସାଓ୍ୱିର୍‌ରୁ ମୋକରମ୍ ଗଦିର୍ ଅହେମଦ୍ ସାହେବ୍ ମଧ୍ୟ ଏହି ଗସ୍ତରେ ସାମିଲ ହେବାର ସୌଭାଗ୍ୟ ପାଇଛନ୍ତି । ଜର୍ମାନୀରୁ ଡ଼ାକ୍ତର ଅତ୍‌ହର୍ ଜୁବୈର୍ ସାହେବ୍ ଏହି ଯାତ୍ରା ସମୟରେ ଡ଼ାକ୍ତର ହିସାବରେ କାଫିଲାଙ୍କ ସହିତ ଥିଲେ । ଏମାନଙ୍କ ବ୍ୟତିତ ଜର୍ମାନୀରୁ ମୋକରମ୍ ଅବଦୁଲ୍ଲାଃ ସପ୍‌ରାଆ ସାହେବଙ୍କୁ ମଧ୍ୟ ଏହି ଯାତ୍ରାରେ କାଫିଲା ସହିତ ରହିବାର ସୌଭାଗ୍ୟ ମିଳିଛି । ଅଲ୍ଲାଃ ତାଲା ଏହି ସମସ୍ତ ସଦସ୍ୟମାନଙ୍କ ପାଇଁ ଏପରି ସୌଭାଗ୍ୟକୁ ମୁବାରକ୍ କରନ୍ତୁ । ଆମିନ୍...

***(ବହଓ୍ୱାଲା ଅଖ୍‌ବାର୍ ବଦର୍ ୧୭, ୨୪ ଅକ୍ଟୋବର ୨୦୧୯)***

⌘⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ସାଆଦ୍ ର:ଅ କହିଲେ ମୋ କୌମ୍‌କୁ ଯାଇ କହିଦେବ ଯେ ଯଦି ତୁମମାନଙ୍କ ଜୀବଦଶାରେ ରସୁଲୁଲ୍ଲାଃ ସ:ଆ:ସଙ୍କୁ କୌଣସି ପ୍ରକାରର ଦୁଃଖ ଓ କଷ୍ଟ ପହଂଚିଥାଏ ତେବେ ଖୁଦାଙ୍କ ସମ୍ମୁଖରେ ତୁମର କୌଣସି ବାହାନା ଚଳିବ ନାହିଁ ।

ଆଁ ହଜ୍‌ରତ୍ ସ:ଆ:ସ କହିଲେ ହେ ସୁହୈବ୍ ! ତୁମର ଏହି ସଉଦା ପୂର୍ବରୁ ହୋଇଥିବା ସମସ୍ତ ସଉଦାଠାରୁ ଲାଭକାରୀ । ଅର୍ଥାତ ପ୍ରଥମେ ତୁମେ ସାମାନପତ୍ର / ଜିନିଷପତ୍ର ବିନିମୟରେ ଟଙ୍କା ଉପାର୍ଜନ କରୁଥିଲ କିନ୍ତୁ ଏବେ ଟଙ୍କା ବଦଳରେ ତୁମେ ଇମାନ୍ (ବିଶ୍ୱାସ) ହାସଲ କରିଅଛ ।

ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ସୁହୈବ୍ ର:ଅଙ୍କୁ ବହୁତ ଭଲ ପାଉଥିଲେ ଏବଂ ତାଙ୍କ ସମ୍ବନ୍ଧରେ ଉତମ ବିଚାର ପୋଷଣ କରୁଥିଲେ । ଏପରି କି ଯେବେ ହଜ୍‌ରତ୍ ଉମର୍ କ୍ଷତ୍ୟାକ୍ତ ହେଲେ ସେତେବେଳେ ସେ ୱସିୟତ କଲେ ଯେ ମୋ ନମାଜ ଯନାଜାଃ ସୁହୈବ୍ ର:ଅ ପଢ଼ାଇବେ ଓ ତିନିଦିନ ପର୍ଯ୍ୟନ୍ତ ମୁସଲମାନମାନଙ୍କୁ ନମାଜ ପଢ଼ାଇବେ ଏପରି କି ଶୁରା (ଅର୍ଥାତ ପରାମର୍ଶମଣ୍ଡଳୀ) କାହାକୁ ଖଲିଫା ହେବାପାଇଁ ସମ୍ମତି ପ୍ରକାଶ କରିନେବ ।

ଅଲ୍ଲାଃ ତାଲା ସାଆଦ୍ ର:ଅଙ୍କ ଉପରେ ଦୟା କରନ୍ତୁ, ସେ ଜୀବନରେ ଓ ମୃତ୍ୟୁ ପରେ ମଧ୍ୟ ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କର ଶୁଭଚିନ୍ତକ ଥିଲେ ।

ଆଁ ହଜ୍‌ରତ୍ ସ:ଆ:ସଙ୍କ ମହାନ ବଦରି ସାହାବି ହଜ୍‌ରତ୍ ସୁହୈବ୍ ବିନ୍ ସନାନ୍ ଏବଂ ହଜ୍‌ରତ୍ ସାଆଦ୍ ବିନ୍ ରବିଇ ର:ଅଙ୍କ ସୁଗୁଣର ଚର୍ଚ୍ଚା

ସତ୍ୟ ହେଉଛି ଏହା କି ପୃଥିବୀ ଇତିହାସରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପୂର୍ବରୁ ବା ତାଙ୍କ ପରେ ଏପରି କୌଣସି ବ୍ୟକ୍ତି ଆସିନାହାନ୍ତି ଯିଏ ମହିଳାମାନଙ୍କ ଅଧିକାରର ଏପରି ସୁରକ୍ଷ କରିଥିବ ଯେମିତି ଆପଣ ସ:ଆ:ସ କରିଛନ୍ତି ।

ବାସ୍ତବିକ କଥା ହେଉଛି ଏହା କି ମହିଳାମାନଙ୍କ ସ୍ୱାଧିନତା ଏବଂ ଅଧିକାରକୁ ପ୍ରଦାନ କରିବା ପାଇଁ ପ୍ରକୃତ ଶିକ୍ଷା ଇସ୍‌ଲାମ୍ ହିଁ ଦେଇଛି ।

ପୃଥବୀର ବର୍ତମାନ ପରିସ୍ଥିତିକୁ ଦେଖି ସମସ୍ତ ରାଷ୍ଟ୍ରଗୁଡ଼ିକ ନ୍ୟାୟର ସହିତ ସରକାରକୁ ପରିଚାଳିତ କରିବାପାଇଁ ଓ ନାଗରୀକମାନଙ୍କୁ ଉଚିତ ଉପାୟରେ ନିଜର ଦାବି ଉପସ୍ଥାପନ କରିବାକୁ ଉପଦେଶ ।

ପାକିସ୍ତାନ ସରକାରକୁ ମୁଲ୍ଲାମାନଙ୍କ ଭୟରେ ଅହେମଦୀମାନଙ୍କ ଉପରେ ଅତ୍ୟାଚାର କରିବା ଓ କଠୋର ମନୋଭାବ ପୋଷଣ କରିବା ପରିବର୍ତେ ନ୍ୟାୟର ରଜ୍ଜୁକୁ ହାତରେ ଧରି ସରକାର ଚଳାଇବାପାଇଁ ସଚେତନ ପୂର୍ବକ ବାର୍ତା ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ:ବ**
**(ପ୍ରଦତ୍ତ: ୦୫ ଜୁଲାଇ ୨୦୨୦ ଅନୁଯାୟୀ ୦୫ ଏହ୍‌ସାନ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّآ اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଆଜି ମୁଁ ପୁଣି ବଦରି ସାହାବାଙ୍କର ଚର୍ଚ୍ଚା କରିବି ତେବେ ସର୍ବପ୍ରଥମେ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ତାଙ୍କ ନାମ ହେଲା ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅ ତାଙ୍କ ପିତାଙ୍କ ନାମ ସନାନ୍ ବିନ୍ ମାଲିକ୍ ଥିଲା ଓ ମାତାଙ୍କ ନାମ ସଲ୍‌ମା ବିନ୍ କଇଦ୍ ଥିଲା । ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅ ମୋସଲ୍ ଅଂଚଳର ନିବାସୀ ଥିଲେ । ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅଙ୍କ ପିତା ଓ ଚଚା ଇରାନର ସମ୍ରାଟ ଅନ୍ତର୍ଗତ ଅବୁଲା ଅଂଚଳର କର ଆଦାୟ କରୁଥିଲେ । ଅବୁଲା୍ ଦଜଲା୍ ନଦି କୂଳବର୍ତୀ ଏକ ସହର ଥିଲା । ଯାହାକି ପରବର୍ତୀ ସମୟରେ ଯାଇ ବସ୍‌ରା ନାମରେ ପ୍ରଶିଦ୍ଧି ଅର୍ଜନ କରିଥିଲା । ରୋମିମାନେ ଉକ୍ତ ଅଂଚଳ ଉପରେ ଆକ୍ରମଣ କରିଦେଲେ ଏବଂ ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅକୁ କଏଦ କରିନେଲେ ଯେତେବେଳେ କି ସେ ଖୁବ୍ କମ୍ ବୟସ୍କ ଥିଲେ । ଅବୁଲ୍ କାସିମ୍ ମଗ୍‌ରବିଙ୍କ କହିବା ଅନୁଯାୟୀ ହଜ୍‌ରତ୍ ସୋହେବଙ୍କ ପ୍ରକୃତ ନାମ ଉମେରା ଥିଲା । କିନ୍ତୁ ରୋମିମାନେ ହିଁ ତାଙ୍କ ନାମ ପରିବର୍ତନ କରି ସୋହେବ ରଖି ଦେଇଥିଲେ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୬୯-୧୭୦........... ବେରୁତ ୨୦୧୭)***

ସୋହେବ୍ ର:ଅଙ୍କ ରଙ୍ଗ ଅତ୍ୟନ୍ତ ଗୋରା ଥିଲା ନା ଗେଡ଼ା ନା ଉଚ୍ଚା ବରଂ ମଧ୍ୟମ ଉଚ୍ଚତାର ବ୍ୟକ୍ତି ଥିଲେ ମୁଣ୍ଡର କେଶ ଘନ ଥିଲା ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୩, ପୃ-୪୧.......... ବେରୁତ ୨୦୧୬)***

ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅ ରୋମିମାନଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲେ । ତାଙ୍କ କଥା ଭାଷା ପରିସ୍କାର ନଥିଲା । କଲ୍‌ଭ୍ ତାଙ୍କୁ ରୋମିମାନଙ୍କଠାରୁ ଖରିଦ ନେଇଥିଲେ ଏବଂ ଆଉ ଜଣେ ବ୍ୟକ୍ତି ତାଙ୍କୁ ନେଇ ମକ୍କା ଚାଲି ଆସିଥିଲେ । ପରେ ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଯଦ୍‌ଆନ୍ ତାଙ୍କୁ କ୍ରୟ କରି ସ୍ୱାଧିନ କରିଦେଇଥିଲେ ସେ ହଜ୍‌ରତ୍ ସୁହେବେ ଅବ୍‌ଦୁଲ୍ଲାଃ ବିନ୍ ଯଦ୍‌ଆନ୍‌ଙ୍କ ଦେହାନ୍ତ ପର୍ଯ୍ୟନ୍ତ ତାଙ୍କ ସାଥିରେ ମକ୍କାରେ ରହିଥିଲେ । ଏହିପରି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଆବିର୍ଭାବ ହୋଇଥିଲା । ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅଙ୍କ ସନ୍ତାନମାନେ କୁହନ୍ତି ଯେତେବେଳେ ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅଙ୍କ ହେତୁ ଆସିଲା ସେତେବେଳେ ସେ ରୋମ୍‌ରୁ ଖସି ପଳାୟନ କରି ଚାଲିଆସିଥିଲେ ଏବଂ ମକ୍କା ଆସି ଅବ୍‌ଦୁଲ୍ଲାଃ ବିନ୍ ଯଦ୍ଦାନ୍‌ଙ୍କ ହଲିଫ ହୋଇଯାଇଥିଲେ ତଥା ତାଙ୍କ ଦେହାନ୍ତ ପର୍ଯ୍ୟନ୍ତ ତାଙ୍କ ସାଥିରେ ରହିଥିଲେ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୦............ ବେରୁତ ୨୦୧୭)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଅନ୍‌ହୋ ତାଙ୍କର ସମ୍ବନ୍ଧରେ ବର୍ଣ୍ଣନା କରନ୍ତି କି ଜଣେ ଦାସ ସୋହେବ ଥିଲେ, ସେ ରୋମ୍‌ରୁ ଧରା ହୋଇ ଅଣାଯାଇଥିଲେ ଏବଂ ସେ

ଅବ୍‌ଦୁଲ୍ଲାଃ ବିନ୍ ଯଦାମ୍‌ଙ୍କ ଦାସ ଥିଲେ ଯିଏ ତାଙ୍କୁ ସ୍ୱାଧୀନ କରିଦେଇଥିଲେ । ସେ ମଧ୍ୟ ହଜୁର ସ:ଆ:ସଙ୍କ ଉପରେ ବିଶ୍ୱାସ ସ୍ଥାପନ କରି ଅନେକ କଷ୍ଟ ଓ ଅତ୍ୟାଚାର ସହ୍ୟ କରିଥିଲେ । ***(ତଫ୍‌ସିରେ କବୀର୍ ଖଣ୍ଡ-୬, ପୃ-୪୪୩)***

ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ଏକଥା କୁର୍‌ଆନ୍ କରିମ୍ ର ଆଧାରରେ କହିଛନ୍ତି ଯେପରି କି ପବିତ୍ର କୋରାନ୍‌ରେ ଦରଜ ରହିଛି କି ଏହି କୋରାନ୍ ହଜୁର ସ:ଆ:ସ ନିଜ ସାଥି ଓ ଦାସମାନଙ୍କ ସାହାଯ୍ୟ କ୍ରମେ ପ୍ରସ୍ତୁତ କରିନେଇଛନ୍ତି ବା ଗଢ଼ି ନେଇଛନ୍ତି । ତେବେ ଏହାର ଗୋଟିଏ ଉତର ଏହି କି ଯେ, ସେହି ଦାସମାନେ ମୁସ୍‌ଲମାନ ହେବାଯୋଗୁଁ ବିଭିନ୍ନ ପ୍ରକାର ଅତ୍ୟାଚାର ଓ ନିର୍ଯ୍ୟାତନାର ଶିକାର ହୋଇଥିଲେ । ତେବେ କଣ ସେମାନେ ହଜୁର ସ:ଆ:ସଙ୍କୁ ସାହାଯ୍ୟ କରି ଉକ୍ତ ଦୁଃଖ କଷ୍ଟକୁ ନିଜ ପାଇଁ ଆଦରି ନେଇଥିଲେ । ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ କୁହନ୍ତି ଏପରି ଆପତି କରିବା ଅତ୍ୟନ୍ତ ନୀଚ ଓ ମୁର୍ଖ ଅଭିଯୋଗ । ଏମାନେ ତ ସେହି ପୂଣ୍ୟବାନ ଯେ ପ୍ରଭୁ ଓ ତାଙ୍କ ପ୍ରୀୟ ରସୁଲ୍ ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣିବାପରେ ସେଥିରେ ଦୃଢ଼ତାର ସହ ଦଣ୍ଡାୟମାନ ରହିଥିଲେ ଏବଂ ସେମାନେ ହଜୁର ସ:ଆ:ସଙ୍କଠାରୁ ଇସ୍‌ଲାମ୍‌ର ଆଚାରସଂହିତ ଶିକ୍ଷା ନେଇଥିଲେ । ପରମେଶ୍ୱରଙ୍କ ଐଶିବାଣୀ ଉପରେ ବିଶ୍ୱାସ ସ୍ଥାପନ କରିଥିଲେ । ***(ତଫ୍‌ସୀରେ କବୀର ଖଣ୍ଡ-୬, ପୃ-୪୪୧-୪୪୩)***

ହଜ୍‌ରତ୍ ଅମାର୍ ବିନ୍ ୟାସିର କୁହନ୍ତି ମୁଁ ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅଙ୍କ ସହ ଦାରୁଲ୍ ଅର୍‌କମ୍‌ର ଦ୍ୱାରଠାରେ ସାକ୍ଷାତ କଲି ଯେଉଁଠାରେ ହଜୁର ସ:ଆ:ସ ବିରାଜମାନ ଥିଲେ । ମୁଁ ତାଙ୍କୁ ପଚାରିଲି ତୁମର ଏଠାକୁ ଆସିବାର ଉଦ୍ଦେଶ୍ୟ କଣ ଏଥିରେ ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅ ମତେ ଓଲୋଟା ପ୍ରଶ୍ନ କଲେ ଯେ ତୁମର ଉଦ୍ଦେଶ୍ୟ କଣ ? ମୁଁ ଉତର ଦେଲି ମୋର ଏଠାକୁ ଆସିବାର ଉଦ୍ଦେଶ୍ୟ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇ ଆପଣଙ୍କ ପବିତ୍ର ବଚନ ଶୁଣିବି । ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅ କହିଲେ ମୋର ମଧ୍ୟ ଏହା ହିଁ ମନସ୍କାମନା । ହଜ୍‌ରତ୍ ଅମାର୍ କୁହନ୍ତି ତା'ପରେ ଆମେ ଦୁହେଁ ହଜୁର ସ:ଆ:ସଙ୍କ ସେବାରେ ହାଜର ହୋଇଗଲୁ । ହଜୁର ସ:ଆ:ସ ଆମକୁ ଇସ୍‌ଲାମ୍‌ର ନିତିଶିକ୍ଷା ଉପରେ ଅବଗତ କରାଇଲେ । ଯଦ୍ୱାରା ଆମେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଗଲୁ । ଆମେ ସମ୍ପୁର୍ଣ୍ଣ ଦିନ ସେଠାରେ ଅଟକି ରହିଲୁ ଏବଂ ସନ୍ଧ୍ୟା ବେଳକୁ ଅର୍ଥାତ ଅନ୍ଧାରରେ ନିଜକୁ ଲୋକମାନଙ୍କଠାରୁ ଲୁକ୍କାୟିତ ରଖି ବାହାରକୁ ଚାଲି ଆସିଲୁ । ହଜ୍‌ରତ୍ ଅମାର୍ ର:ଅ ଓ ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅ ୩୦ ରୁ ଉର୍ଦ୍ଧ ବ୍ୟକ୍ତିଙ୍କ ପରେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୧............ ବେରୁତ ୨୦୧୭)***

ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସ କହିଲେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବାପାଇଁ ଯେଉଁ କେତେଜଣ ଆଗୁଆ ଥିଲେ ସେହି ବ୍ୟକ୍ତିମାନଙ୍କର ସଂଖ୍ୟା ହେଉଛି ୪ । ହଜୁର ସ:ଆ:ସ କହିଲେ ଯେ ମୁଁ ଆରବରେ ସମସ୍ତଙ୍କଠାରୁ ଆଗୁଆ ଯିବି । ସୋହେବ୍ ରୋମ୍ ବାସୀଙ୍କ ମଧ୍ୟରେ ସର୍ବପ୍ରଥମେ ପୂଣ୍ୟ ଅର୍ଜନ କରିବାରେ ସୌଭାଗ୍ୟ ପାଇଥିଲେ ଏବଂ ସଲ୍‌ମାନ୍ ର:ଅ ଫାର୍ସୀମାନଙ୍କ ମଧ୍ୟରେ ପୂଣ୍ୟ ଅର୍ଜନ କରିବାରେ ପ୍ରଥମ ବ୍ୟକ୍ତି ଥିଲେ । ସେହିପରି ହଜ୍‌ରତ୍ ବିଲାଲ୍ ର:ଅ ହବ୍‌ଶିମାନଙ୍କ ମଧ୍ୟରେ ପୂଣ୍ୟ ଅର୍ଜନ କରିବାରେ ସର୍ବପ୍ରଥମ ବ୍ୟକ୍ତି ଥିଲେ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୩, ପୃ-୩୯.......... ବେରୁତ ୨୦୧୬)***

ହଜ୍‌ରତ ଅବ୍‌ଦୁଲ୍ଲା ବିନ୍ ମସ୍‌ଉଦ୍ ର:ଅ ବର୍ଣ୍ଣନା କରନ୍ତି, ସର୍ବପ୍ରଥମେ ଯେଉଁ ଲୋକମାନେ ହେବାର ସର୍ବସାଧାରଣଙ୍କ ମଧ୍ୟରେ ନିଜ ବିଶ୍ୱାସର ଘୋଷଣା କରିଥିଲେ ଅର୍ଥାତ ମୁସଲମାନ ହେବାର ଘୋଷଣା କରିଥିଲେ । ସେମାନେ ସାତ ଜଣ ଥିଲେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଉପରେ ଶରିୟତ (ଅର୍ଥାତ ଧର୍ମବିଧାନ ଅବତୀର୍ଣ୍ଣ) ହୋଇଥିଲା । ତାଙ୍କପରେ ଅବୁବକର ର:ଅ, ଅମାର୍ ର:ଅ ଓ ଅମାର୍‌ଙ୍କ ମାତା ସୁମୈୟା ର:ଅ, ସୋହେବ୍, ବିଲାଲ୍ ଏବଂ ମିକ୍‌ଦାଦ୍ ର:ଅ । ରସୁଲୁଲ୍ଲାଃ ସ:ଆ:ସଙ୍କୁ ଅଲ୍ଲାଃ ତାଲା ଆପଣ ସ:ଆ:ସଙ୍କ ଚଚା ଅବୁ ତାଲିବ୍‌ଙ୍କ ଜରିଆରେ ସୁରକ୍ଷିତ ରଖିଲେ ଓ ଅବୁବକର୍‌ଙ୍କୁ ତାଙ୍କ କୌମ୍ ଜରିଆରେ ସୁରକ୍ଷିତ ରଖିଲେ ।  ଏଥି ସଂକ୍ରାନ୍ତରେ ମୁଁ ପୂର୍ବ ଖୁତବାରେ ଅର୍ଥାତ ଗତ ଖୁତ୍‌ବାରେ ମୁଁ ସ୍ୱଷ୍ଟୀକରଣ କରିସାରିଛି କି ଏହା ବର୍ଣ୍ଣନାକାରୀର ଧାରଣା ମାତ୍ର ନଚେତ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଓ ହଜ୍‌ରତ୍ ଅବୁବକର୍ ର:ଅଙ୍କୁ ମଧ୍ୟ ବିଭିନ୍ନ କିସମର ଅତ୍ୟାଚାର ସହ୍ୟ କରିବାକୁ ପଡ଼ିଥିଲା । ଯଦିଚ ପ୍ରାରମ୍ଭରେ କିଛିଟା ରକ୍ଷା ମିଳିଯାଇଥିଲା କିନ୍ତୁ ବର୍ଣ୍ଣନାକାରୀ ଯେଭଳି ଦର୍ଶାଉଛି କି ଆଙ୍କ ବ୍ୟତିତ ବାକି ଲୋକମାନଙ୍କୁ ଅମାନ୍ୟକାରୀମାନେ ଧରି ନେଇଥିଲେ ଓ ଲୌହର ବେଡ଼ି ପିନ୍ଧାଇ ତାଙ୍କୁ ଭିଷଣ ସୂର୍ଯ୍ୟତାପର ନିର୍ଯ୍ୟାତନା ଦେଉଥିଲେ, ଏକଥା ସତ୍ୟ ନୁହେଁ ସୁତରାଂ ସେମାନଙ୍କ ମଧ୍ୟରୁ ଜଣେ ହେଲେ ମଧ୍ୟ ସେହି ଅତ୍ୟାଚାରୀଙ୍କ କଥାରେ ରାଜି ହୋଇଯାଇନଥିଲେ ଅର୍ଥାତ ନିଜ ବିଶ୍ୱାସରୁ ଟଳି ଯାଇନଥିଲେ । ସେମାନଙ୍କ ମଧ୍ୟରୁ ବିଲାଲ ର:ଅ ଯାହାଙ୍କର ନିଜସ୍ୱ କୌଣସି ଅସ୍ତିତ୍ୱ ନଥିଲା । ଯେପରି ସେ ନିଜ ଜାତିରେ କୌଣସି ବିଶେଷତ୍ୱ ରଖୁନଥିଲେ । ଅତ୍ୟାଚାରୀମାନେ ତାଙ୍କୁ ଧରି ମକ୍କାର ଅବାଧ ବାଳକମାନଙ୍କ ହାତରେ ଟେକି ଦେଉଥିଲେ ଏବଂ ସେମାନେ ତାଙ୍କୁ ମକ୍କାର ଘାଟିମାନଙ୍କ ମଧ୍ୟରେ ଘୁରାଇ ବୁଲାଉଥିଲେ ଏବଂ ସେତେବେଳେ ବିଲାଲ୍ ଯନ୍ତ୍ରଣାରେ କେବଳ ଅହଦ୍‌ର ଶବ୍ଦ ଉଚ୍ଚାରଣ କରୁଥିଲେ । ***(ସୁନନେ ଇବ୍‌ନେ ମାଜାଃ........ ହଦିସ୍ ନଂ-୧୫୦)***

ସେ ଯାହା ହେଉ କଷ୍ଟ ତ ସେ ସମସ୍ତେ ସହ୍ୟ କରିଥିଲେ ଏବଂ ଏହା ସତ୍ୱେ ମଧ୍ୟ ସେ ସଭିଏଁ ନିଜ ବିଶ୍ୱାସରେ ଅଟଳ ରହିଥିଲେ । କିନ୍ତୁ ଯାହା ବର୍ଣ୍ଣନା ମିଳୁଛି ତାହା ଏହି କି ଯେ, ହଜ୍‌ରତ୍ ବିଲାଲ୍ ର:ଅଙ୍କୁ ସବୁଠାରୁ ଅଧିକ ଅତ୍ୟାଚାର ଓ ନିର୍ଯ୍ୟାତନା ସହ୍ୟ କରିବାକୁ ପଡ଼ିଥିଲା ।

ପୁନଶ୍ଚ ବର୍ଣ୍ଣନା ମିଳୁଅଛି ଯେ, ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅ ସେହି ବିଶ୍ୱାସକାରୀମାନଙ୍କ ମଧ୍ୟରୁ ଥିଲେ ଯିଏ ଦୁର୍ବଳମାନଙ୍କ ମଧ୍ୟରେ ପରିଗଣିତ ହେଉଥିଲେ ଏବଂ ଯେଉଁମାନେ ମକ୍କାରେ ଅଲ୍ଲାଃଙ୍କ ମାର୍ଗରେ କଷ୍ଟ ଓ ନିର୍ଯ୍ୟାତନାର ଶିକାର ହୋଇଥିଲେ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୧............ ବେରୁତ ୨୦୧୭)***

ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଅମାର୍ ବିନ୍ ୟାସିର୍‌ଙ୍କୁ ଏଭଳି ଅସହ୍ୟ ଯନ୍ତ୍ରଣା ଦେଉଥିଲେ କି ସେ ନିଜର ଚେତା ହରାଇ ବସୁଥିଲେ । ସମାନ୍‌ବସ୍ଥା ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅ, ଅବୁ ଫାଏଦା, ହଜ୍‌ରତ୍ ଆମିର୍ ବିନ୍ ଫଇରା ଓ ଅନ୍ୟାନ୍ୟ ସାହାବିମାନଙ୍କର ମଧ୍ୟ ରହିଥିଲା । ସେମାନଙ୍କ ପ୍ରସଙ୍ଗରେ ଏହି ଆୟତ ଅବତୀର୍ଣ୍ଣ ହେଲା କି **ସୁମ୍ମା ଇନ୍ନା ରବ୍‌ବକା ଲିଲ୍‌ଲଜିନା ହାଜୁର ମିମ୍ ବାଦି ମା ଫୁତିନୁ ସୁମ୍ମା ଜାହଦୁ ୱ ସବରୁ ଇନ୍ନା ରବ୍‌ବକା ମିମ୍ ବାଦିହା ଲଗଫୁରୁର୍ ରହିମ୍** (ନହଲ୍: ୧ ୧ ୧ ) ଅର୍ଥାତ ତୁମ୍ଭ ପାଳନକର୍ତା ବାସ୍ତବରେ ସେହିମାନଙ୍କ ପାଇଁ ଯେଉଁମାନେ ନିଯ୍ୟାତିତ ହେବାପରେ ହିଜ୍‌ରତ୍ କରିଛନ୍ତି ତାହାପରେ ଜିହାଦ୍ କରିଛନ୍ତି ଓ ସୁଦୃଢ଼ ରହିଛନ୍ତି ବସ୍ତୁତଃ ତୁମ୍ଭ ପାଳନକର୍ତା ଏହାପରେ ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ ହେବେ ।

***(ଅଲ୍ ଅସାବାଃ......... ଖଣ୍ଡ-୩, ପୃ-୩୪........ ବେରୁତ ୨୦୦୧)***

ଗୋଟିଏ ବର୍ଣ୍ଣନା ଅନୁଯାୟୀ ମଦିନା ଆଡ଼କୁ ହିଜ୍‌ରତ୍ କରିଥିବା ଲୋକମାନଙ୍କ ମଧ୍ୟରେ ସର୍ବଶେଷରେ ଯେଉଁ ସାହାବି ଯାତ୍ରା କରିଥିଲେ ସେ ହଜ୍‌ରତ୍ ଅଲୀ ଓ ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅ ଥିଲେ । ଏ ଦୁହେଁ ରବିଉଲ୍ ଅୱ୍ୱଲ୍ ମାସର ମଧ୍ୟ ଭାଗରେ ହିଜ୍‌ରତ୍ ଆରମ୍ଭ କରିଥିଲେ । ସେତେବେଳେ ହଜୁର ସ:ଆ:ସ କୁବା ନାମକ ସ୍ଥାନରେ ହିଁ ଅବସ୍ଥାନ କରିଥିଲେ ମଦିନାରେ ପହଂଚିନଥିଲେ । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୨............ ବେରୁତ ୨୦୧୭)***

ଆଉ ଏକ ବର୍ଣ୍ଣନା ଅନୁଯାୟୀ ଯେତେବେଳେ ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅ ମଦିନା ଅଭିମୁଖେ ଯାତ୍ରା କଲେ ସେତେବଳେ ଅମାନ୍ୟକାରୀ ଦଳ ଆପଣଙ୍କୁ ଧରିବାପାଇଁ ବାହାରି ପଡ଼ିଲେ । ଯେତେବେଳେ ସେମାନେ ସୋହେବଙ୍କ ନିକଟବର୍ତୀ ହୋଇଗଲେ । ସେତେବେଳେ ସୋହେବ୍ ନିଜ ବାହନରୁ ଓହ୍ଲାଇ ପଡ଼ିଲେ ଏବଂ ନିଜ କମାଣରୁ ତୀର ନେଇ ଲକ୍ଷ୍ୟଭେଦ କରିବାକୁ ପ୍ରସ୍ତୁତ ହୋଇଗଲେ ଏବଂ କହିଲେ ହେ ମକ୍କାବାସୀ ତୁମେ ଜାଣ ଯେ, ମୁଁ ତୁମମାନଙ୍କ ମଧ୍ୟରୁ ଜଣେ ଦକ୍ଷ ଧୁର୍ନଧର । ଅଲ୍ଲାଃଙ୍କ ରାଣ ! ତୁମେ ମତେ ଧରିପାରିବ ନାହିଁ ଯେ ପର୍ଯ୍ୟନ୍ତ ମୋ ନିକଟରେ ଥିବା ସମସ୍ତ ତୀର ତୁମ ନିକଟକୁ ମୁଁ ନିକ୍ଷେପ ନ କରିଦେଇଛି । ତା'ପରେ ମୁଁ ତରବାରୀ ଦ୍ୱାରା ତୁମକୁ ମାରିବି । ତେଣୁ ତୁମେ ଯାହା ପସନ୍ଦ କରୁଛ ସେହି ମାର୍ଗଟି ବାଛି ନିଅ । ଯଦି ତୁମେ ମୋ ଧନ ଲୁଟି ନେବାକୁ ଚାହୁଁଛ ତେବେ ମୁଁ ତୁମକୁ କହିଦେଉଛି ଯେ ମୋର ଧନ ମୁଁ କେଉଁଠାରେ ସଂଚିତ ରଖିଛି ତେଣୁ ତୁମେମାନେ ମୋର ରାସ୍ତାରେ ବାଧକ ସାଜ ନାହିଁ । ସେମାନେ ଆପଣଙ୍କ ଧନକୁ ଯଥେଷ୍ଟ ମଣିଲେ ଅର୍ଥାତ ବାଛି ନେଲେ । ଅତଏବ ସୋହେବ ସେମାନଙ୍କୁ ତାହାର ଠିକଣା ଦେଇ ଯେତେବେଳେ ହଜ୍‌ରତ୍ ସୋହେବ୍ ହଜୁର ସ:ଆ:ସଙ୍କ ନିକଟରେ ଉପସ୍ଥିତ ହେଲେ ସେତେବେଳେ ଉକ୍ତ ଘଟଣା ସଂକ୍ରାନ୍ତରେ ହଜୁରଙ୍କୁ ଅବଗତ କରାଇଲେ । ଏଥିରେ ହଜୁର ମଧ୍ୟ କହିଲେ ଏହି ନିଷ୍ପତି ତୁମପାଇଁ ଫଳପ୍ରଦ ସାବ୍ୟସ୍ତ ହେଲା ରାଓ୍ୱି କହୁଛନ୍ତି ଏଥିରେ ନିମ୍ନଲିଖିତ ଆୟତଟି ଅବତୀର୍ଣ୍ଣ ହେଲା ।

**ୱ ମେନନ୍ ନାସି ମଇଁ ୟଶରି ନଫ୍‌ସହୁ ଇବ୍‌ତିଗାଆ ମରଜାତିଲ୍ଲାହି ୱଲ୍ଲାହୁ ରଉଫୁମ୍ ବିଲ୍ ଇବାଦ୍** (ବକ୍‌ରା:୨୦୮)

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୧-୧୭୨............ ବେରୁତ ୨୦୧୭)***

ଅର୍ଥାତ ଏପରି କେତେକ ଲୋକ ଅଛନ୍ତି ଯେଉଁମାନେ ଅଲ୍ଲାଃଙ୍କ ପ୍ରିତିଭାଜନ କରିବା ସକାଶେ ନିଜ ଜୀବନକୁ ମଧ୍ୟ ବିକ୍ରୟ କରିଦିଅନ୍ତି ଏବଂ ଅଲ୍ଲାଃ ଭକ୍ତମାନଙ୍କ ପ୍ରତି ଅତ୍ୟନ୍ତ ଦୟାଶୀଳ ।

ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅ ମକ୍କାରୁ

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''
*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family,
Jamat Ahmadiyya, Pankal (Odisha)*

ହିଜ୍‌ରତ୍ କରି ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇଗଲେ । ସେତେବେଳେ ହଜୁର୍ ହଜ୍‌ରତ୍ ଅବୁବକର ର:ଅ ଓ ଉମର୍‌ଙ୍କ ସାଥିରେ କୁବାଠାରେ ଅବସ୍ଥାନ କରିଥିଲେ ଏବଂ ସେମାନଙ୍କ ସମ୍ମୁଖରେ ତାଜା ଖଜୁରୀ ରଖାଯାଇଥିଲା ଯାହାକି ହଜ୍‌ରତ୍ କୁଲ୍‌ସୁମ୍ ବିନ୍ ହଜ୍‌ରମ୍ ନେଇ ଆସିଥିଲେ । ହିଜ୍‌ରତ୍ ସମୟରେ ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅଙ୍କ ଚକ୍ଷୁରେ ଯନ୍ତ୍ରଣା ହୋଇଥିଲା ଏବଂ ତାଙ୍କୁ ପ୍ରବଳ ଖ୍ୟୁଧାର ଅଗ୍ନୀରେ ମଧ୍ୟ ଆଉଟୁପାଉଟୁ ହେବାକୁ ପଡ଼ିଥିଲା । ତଥା ଯାତ୍ରାର ଥକ୍କାପଣ ମଧ୍ୟ ତାଙ୍କ ଶରୀରରେ ରହିଥିଲା । ତେଣୁ ଖଜୁରୀ ଦେଖି ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅ ତାକୁ ଖାଇବାପାଇଁ କୁଦା ମାରିଲା ପରି ଅଗ୍ରସର ହେଲେ । ଏଥିରେ ହଜ୍‌ରତ୍ ଉମର୍ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ସୋହେବଙ୍କୁ ଦେଖନ୍ତୁ ସେ କିଭଳି ଖଜୁର ଖାଉଛନ୍ତି । ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଥଟ୍ଟାରେ ପରିହାସ ମୁଳକ ସ୍ମିତହାସ୍ୟ ଦେଇ କହିଲେ ହେ ସୋହେବ୍ ! ତୁମେ ଖଜୁର ଖାଉଛ ଯେତେବେଳେ କି ତୁମ ଚକ୍ଷୁ ଫୁଲି ରହିଛି ଓ ସେଥିରୁ ଲୁହ ନିର୍ଗତ ହେଉଅଛି । ସେ ଉତର ଦେଲେ ମୁଁ ନିଜ ଚକ୍ଷୁର ସେହିଭାଗରୁ ଖାଉଅଛି ଯାହା କି ସୁସ୍ଥ ଅଛି । ଏଥିରେ ହଜୁର ସ:ଆ:ସ ପ୍ରସନ୍ନିତ ହେଲେ ଅର୍ଥାତ ସ୍ମିତହାସ୍ୟ ଦେଲେ । ତାହାପରେ ସୋହେବ ହଜ୍‌ରତ୍ ଅବୁବକର ର:ଅଙ୍କୁ କହିଲେ ଆପଣ ମତେ ପ୍ରତିଶ୍ରୁତି ଦେଇଥିଲେ କି ହିଜ୍‌ରତ୍ ସମୟରେ ମତେ ସାଥିରେ ରଖିବେ ବୋଲି କିନ୍ତୁ ଆପଣ ମତେ ଛାଡ଼ି ଚାଲି ଆସିଲେ । ପୁନଶ୍ଚ ସେହି ସମାନ କଥା ସେ ହଜୁର ସ:ଆ:ସଙ୍କୁ ମଧ୍ୟ କହିଥିଲେ ଯେ ଆପଣ ସ:ଆ:ସଙ୍କ ହିଜ୍‌ରତ୍ କରିବାପରେ କୁରୈଶ୍ ମତେ ଧରି କଏଦ କରିଦେଲେ ଏବଂ ମୁଁ ନିଜକୁ ଓ ନିଜ ପରିବାର ବର୍ଗଙ୍କୁ ନିଜ ଅର୍ଥ ବଦଳରେ ସ୍ୱାଧିନ କଲି । ଏଥିରେ ହଜୁର ସ:ଆ:ସ କହିଲେ ତୁମର ଏହି ବ୍ୟବସାୟଟି ଲାଭପ୍ରଦ ସାବ୍ୟସ୍ତ ହେଲା । ଏଥିଅନ୍ତେ ଐଶ୍ୱର୍ଯ୍ୟମୟ ପ୍ରଭୁ ନିମ୍ନ ପଂକ୍ତି ଅବତୀର୍ଣ୍ଣ କଲେ । **ଓ୍ୱ ମେନନ୍ ନାସି ମଇଁ ୟଶରି ନଫ୍‌ସହୁ ଇବ୍‌ତିଗାଆ ମରଜାତିଲ୍ଲାହି ଓ୍ୱଲ୍ଲାହୁ ରଉଫୁମ୍ ବିଲ୍ ଇବାଦ୍ (ବକ୍‌ରା:୨୦୮)**

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୧-୧୭୨........... ବେରୁତ ୨୦୧୭)***

ଅର୍ଥାତ ଏପରି କେତେକ ଲୋକ ଅଛନ୍ତି ଯେଉଁମାନେ ଅଲ୍ଲାଃଙ୍କ ପ୍ରିତିଭାଜନ ଲାଭ କରିବା ସକାଶେ ନିଜ ଜୀବନକୁ ମଧ୍ୟ ବିକ୍ରୟ କରିଦିଅନ୍ତି ଏବଂ ଅଲ୍ଲାଃ ଭକ୍ତମାନଙ୍କ ପ୍ରତି ଅତ୍ୟନ୍ତ ଦୟାଶୀଳ । ହଜ୍‌ରତ୍ ସୋହେବ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ମୁଁ ପାଖାପାଖି ଅଧା କିଲୋ ଅଟା ଯାତ୍ରାରେ ବ୍ୟବହାର କରିବା ନିମନ୍ତେ ସାଥିରେ ନେଇ ଆସିଥିଲି ଏବଂ ତାହାକୁ ଅବୁଓ୍ୱା ସ୍ଥାନରେ ଚକଟି ରୋଟି ପ୍ରସ୍ତୁତ କରି ସେବନ କରିଥିଲି ତା'ପରେ ସମ୍ପୁର୍ଣ୍ଣ ଯାତ୍ରାରେ ମୋର ଅନ୍ୟ କୌଣସି ଖାଦ୍ୟ ସେବନ କରିବାପାଇଁ ମୋ ନିକଟରେ ଖାଦ୍ୟ ନଥିଲା । ମାତ୍ର ସେତିକି ହିଁ ଖାଦ୍ୟ ସେବନ କରି ମୁଁ ସମ୍ପୁର୍ଣ୍ଣ ଯାତ୍ରାକୁ ଅତିକ୍ରମ କରିଥିଲି ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୨........... ବେରୁତ ୨୦୧୭)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି, ଯେ ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅ ଜଣେ ଧନୀକ ବ୍ୟକ୍ତି ଥିଲେ ଏବଂ ବାଣିଜ୍ୟ ବ୍ୟବସାୟ କରୁଥିଲେ । ତଥା ମକ୍କାର ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ମଧ୍ୟରେ ପରିଗଣିତ ହେଉଥିଲେ ଏହା ସତ୍ୱେ କୁରୈଶ୍ ତାଙ୍କୁ ମୁସଲମାନ ହେବା ଯୋଗୁଁ କସଣ ଦେଇ ଚେତାସୂନ୍ୟ କରିଦେଉଥିଲେ । ହଜୁର ସ:ଆ:ସ ମଦିନା ହିଜ୍‌ରତ୍ କରିବାପରେ ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅ ମଧ୍ୟ ହିଜ୍‌ରତ୍ କରିବାର ପ୍ରୟାସ କରିଥିଲେ କିନ୍ତୁ ମକ୍କାବାସୀ ତାଙ୍କୁ ଅଟକାଇ କହିଲେ ଯେ ମକ୍କାରେ ରହି ତୁମେ ଯେଉଁ ଧନ ଉପାର୍ଜନ କରିଛ ତାହା ନେଇ ତୁମେ ବାହାରକୁ ଚାଲିଯାଇ ପାରିବ ନାହିଁ । ଏପରି କରିବାକୁ ଆମେ ତୁମକୁ ଦେବୁନାହିଁ ଏଥିରେ ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅ ତାଙ୍କୁ କହିଲେ ଯଦି ମୁଁ ଏ ସବୁକିଛି ଏଠାରେ ଛାଡ଼ିଦିଏ ତେବେ କଣ ତୁମେ ମତେ ଯିବାକୁ ଦେବ ? ସେମାନେ ଆପଣଙ୍କର ଏହି ପ୍ରସ୍ତାବରେ ରାଜି ହୋଇଗଲେ ଅତଏବ ସେ ନିଜ ଅର୍ଜିତ ସମସ୍ତ ଧନସମ୍ପତି ଛାଡ଼ି ଶୂନ୍ୟ ହସ୍ତରେ ମଦିନା ଅଭିମୁଖେ ଯାତ୍ରା କଲେ ଏବଂ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇଗଲେ । ଏକଥା ଶୁଣି ହଜୁର ସ:ଆ:ସ ତାଙ୍କୁ କହିଲେ ତୁମର ଏହି ଚୁକ୍ତି ଲାଭପ୍ରଦ ସାବ୍ୟସ୍ତ ହେଲା । ଅର୍ଥାତ ପ୍ରଥମେ ତୁମେ ସାମଗ୍ରୀ ବିନିମୟରେ ଅର୍ଥ ଉପାର୍ଜନ କରୁଥିଲ କିନ୍ତୁ ଆଜି ଅର୍ଥ ବିନିମୟରେ ବିଶ୍ୱାସ ହାସଲ କରିନେଲ ।

***(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନଓ୍ୱାରୁଲ୍ ଉଲୁମ୍ ଖଣ୍ଡ-୨୦, ପୃ-୧୯୪-୧୯୫)***

ତା'ପରେ ହଜୁର ସ:ଆ:ସ ତାଙ୍କ ଓ ହଜ୍‌ରତ୍ ହାରିସ୍ ବିନ୍ ସିମାଙ୍କ ମଧ୍ୟରେ ଭାତୃଭାବର ସମ୍ପର୍କ ସ୍ଥାପନ କରିଥିଲେ । ହଜ୍‌ରତ୍ ସୋହେବ ବିନ୍ ସନାନ୍ ର:ଅ ବଦର, ଓ୍ୱହଦ୍ ଓ ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ହଜୁର ସ:ଆ:ସଙ୍କ ସାଥିରେ ସାମିଲ ଥିଲେ ।

***(ଉସଦୁଲ୍ ଗାବାଃ....... ଖଣ୍ଡ-୩, ପୃ-୩୯.......... ବେରୁତ ୨୦୧୬)***

ହଜ୍‌ରତ୍ ଆଏଜ୍ ବିନ୍ ଉମ୍‌ରୋ ବର୍ଣ୍ଣନା କରନ୍ତି କି ଏକଦା ହଜ୍‌ରତ୍ ସଲମାନ, ହଜ୍‌ରତ୍ ସୋହେବ ଓ ହଜ୍‌ରତ୍ ବିଲାଲ୍ ର:ଅ ସର୍ବସାଧାରଣଙ୍କ ମଧ୍ୟରେ ବସିଥିଲେ କି ସେଠାରୁ ଅବୁ ସୁଫିଆନ୍ ବିନ୍ ହରବ୍ ଅତିକ୍ରମ କଲେ । ଲୋକମାନେ କହିଲେ ବର୍ତମାନ ସୁଧା ପବିତ୍ରମୟ ପ୍ରଭୁଙ୍କ ଖଡ୍ଗର ପ୍ରହାର ପ୍ରଭୁଙ୍କ ଶତୃମାନଙ୍କ ବେକରେ ପଡ଼ିନାହିଁ । ଏଥିରେ ହଜ୍‌ରତ୍ ଅବୁବକର କହିଲେ କଣ ତୁମେ ଏପରି କଥା କୁରୈଶ୍‌ର ସର୍ଦ୍ଦାରଙ୍କୁ ଲକ୍ଷ୍ୟ କରି କହୁଅଛ । ଏକଥା ହଜୁର ସ:ଆ:ସଙ୍କୁ ମଧ୍ୟ ଅବଗତ କରାଗଲା । ଏଥିରେ ହଜୁର ହଜ୍‌ରତ୍ ଅବୁବକର ର:ଅଙ୍କୁ କହିଲେ ହେ ଅବୁବକର ! ସମ୍ଭବତଃ ତୁମେ ସେମାନଙ୍କୁ କ୍ରୋଧିତ କରିଦେଇଛ ଅର୍ଥାତ ଲୋକମାନଙ୍କୁ ଉତ୍ୟକ୍ତ କରିଦେଇଛ । ଯଦି ତୁମେ ତାଙ୍କୁ କ୍ରୋଧିତ କରିଦେବ ତେବେ ତୁମେ ନିଜ ପରମେଶ୍ୱରଙ୍କୁ ଅତିଷ୍ଠ କରିଦେବ । ଏଥିଅନ୍ତେ ହଜ୍‌ରତ୍ ଅବୁବକର ସେହି ଲୋକମାନଙ୍କ ଗହଣକୁ ଯାଇ କହିଲେ ହେ ଭାଇମାନେ ! ସମ୍ଭବତଃ ମୁଁ ଆପଣଙ୍କୁ ଅସନ୍ତୁଷ୍ଟ କରିଦେଇଛି, ସେମାନେ କହିଲେ ହେ ଅବୁବକର ଅଲ୍ଲାଃ ଆପଣଙ୍କ ସହ କ୍ଷମାଆଚରଣ କରନ୍ତୁ ।

***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍ ଖଣ୍ଡ-୬, ପୃ-୮୮୫........ ବେରୁତ ୧୯୯୮)***

ହଜ୍‌ରତ୍ ସୋହେବ ବର୍ଣ୍ଣନା କରନ୍ତି, ଯେଉଁ ଯୁଦ୍ଧରେ ଆଁ ହଜ୍‌ରତ୍ ସ:ଆ:ସ ସାମିଲ ହୋଇଥିଲେ ସେହି ଯୁଦ୍ଧରେ ମୁଁ ମଧ୍ୟ ଉପସ୍ଥିତ ଥିଲି । ହଜୁର ସ:ଆ:ସ ଯେଉଁ ବୟତ ବି ନେଉଥିଲେ । ମୁଁ ସେହି ବୟତରେ ମଧ୍ୟ ଉପସ୍ଥିତ ରହୁଥିଲି । ହଜୁର ସ:ଆ:ସ ସରିୟା ଅର୍ଥାତ ସେହି ଯୁଦ୍ଧ ଯେଉଁ ଯୁଦ୍ଧରେ ହଜୁର ସାମିଲ ନଥିଲେ ମୁଁ ସେହି ସରିୟାରେ ମଧ୍ୟ ସାମିଲ ଥିଲି ଏବଂ ହଜୁର ସ:ଆ:ସ ଯେଉଁ ଯୁଦ୍ଧ ପାଇଁ ବି ବାହାରିଥିଲେ ମୁଁ ଆପଣଙ୍କ ସାଥିରେ ସାମିଲ ରହିଥିଲି । ମୁଁ କେବେହେଲେ ଆପଣଙ୍କୁ ଶତୃଙ୍କ ଓ ନିଜ ମଧ୍ୟରେ ଆସିବାକୁ ଦେଇନଥିଲି ଅର୍ଥାତ ମୁହାମୁହିଁ ହେବାକୁ ଦେଇନଥିଲି ଶତୃଙ୍କୁ ଆପଣଙ୍କ ସହ । ଏହିଭଳି ଆଁ ହଜ୍‌ରତ୍ ସ:ଆ:ସଙ୍କ ଦେହାନ୍ତ ପର୍ଯ୍ୟନ୍ତ ମୁଁ ଏ କାର୍ଯ୍ୟ ସମ୍ପାଦନ କରିଥିଲି ।

***(ଅଲ୍ ଅସାବାଃ....... ଖଣ୍ଡ-୩, ପୃ-୩୫.......... ବେରୁତ ୨୦୦୧)***

ହଜ୍‌ରତ୍ ସୋହେବ ର:ଅ ଲୋକମାନଙ୍କୁ ଏକତ୍ରୀତ କରି ଅତ୍ୟନ୍ତ କୌତୁହଳର ସହିତ ନିଜର ଯୁଦ୍ଧ ଉପଲବ୍ଧିର ମନମୁଗ୍ଧକର ଘଟଣା ଶୁଣାଇଥିଲେ । ହଜ୍‌ରତ୍ ସୋହେବ ର:ଅଙ୍କ କଥାବାର୍ତା ପରିସ୍କାର ନଥିଲା ଅର୍ଥାତ ଆରବବାସୀଙ୍କ ପରି ସେ ସୁଦ୍ଧ ଓ ମଧୁର ଭାଷା କହିବାରେ ସିଦ୍ଧହସ୍ତ ନଥିଲେ ।

ଜୈଦ୍ ବିନ୍ ଅସ୍‌ଲମ୍ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି କି ମୁଁ ହଜ୍‌ରତ୍ ଉମର୍ ର:ଅଙ୍କ ସାଥିରେ ଭ୍ରମଣ କରୁଥିଲି ଯେ ଆମେମାନେ ହଜ୍‌ରତ୍ ସୋହେବଙ୍କ ବଗିଚାରେ ପହଂଚିଗଲୁ । ଯାହାକି ଆଲିୟା ସ୍ଥାନରେ ଅବସ୍ଥିତ, ସୋହେବ ର:ଅ ହଜ୍‌ରତ୍ ଉମର୍‌ଙ୍କୁ ଦେଖି କହିଲେ: ୟନ୍ନାସ୍ ୟନ୍ନାସ୍ କିନ୍ତୁ ହଜ୍‌ରତ୍ ଉମର୍ ର:ଅଙ୍କୁ ଅନ୍ନାସ୍ ଶୁଣାଗଲା । ସେଥିରେ ହଜ୍‌ରତ୍ ଉମର୍ କହିଲେ ଆଙ୍କୁ କଣ ହୋଇଯାଇଛି ? ସେ ଲୋକମାନଙ୍କୁ ଏଭଳି କାହିଁକି ଡ଼ାକୁଛନ୍ତି । ବର୍ଣ୍ଣନାକାରୀ କହିଲେ ସେ ନିଜ ଦାସଙ୍କୁ ଡ଼ାକୁଛନ୍ତି କାରଣ ତା'ର ନାମ ୟୁହ୍‌ନସ୍ ଅଟେ । ଯେହେତୁ ତାଙ୍କର କଥା ସୁସ୍ପଷ୍ଟ ନାହିଁ ତେଣୁ ଏଭଳି ଉଚ୍ଚାରଣ ଶୁଣାଯାଉଛି । ସେଥିଅନ୍ତେ ସେମାନଙ୍କ ମଧ୍ୟରେ ଆଳାପ ହେଲା ଏବଂ ହଜ୍‌ରତ୍ ଉମର୍ କହିଲେ ହେ ସୋହେବ୍ ତିନୋଟି କଥା ଛଡ଼ା ମୁଁ ତୁମଠାରେ ଅନ୍ୟ କୌଣସି ତ୍ରୁଟି ଦେଖୁନାହିଁ । ଯଦି ଏହା ନଥାନ୍ତା ତେବେ ତୁମ ଉପରେ ମୁଁ କାହାରିକୁ ପ୍ରାଧାନ୍ୟ ଦେଇନଥାନ୍ତି । ମୁଁ ଦେଖୁଅଛି ଯେ ତୁମେ ନିଜକୁ ଆରବ କହୁଛ ଯେତେବେଳେ କି ତୁମ ଭାଷା ଅଣଆରବ ଅଟେ । ତୁମେ ନିଜ କୁନିୟତ ଅବୁ ୟହିୟା କହୁଅଛ ଯାହାକି ଜଣେ ନବୀଙ୍କର ନାମ ଏବଂ ତୁମେ ନିଜ ଧନକୁ ଅଯଥା ବ୍ୟୟ କରୁଅଛ । ଏଥିରେ ସେ ଉତର ଦେଲେ ଯେଉଁଠି ମୋର ବ୍ୟର୍ଥ ଖର୍ଚ୍ଚ କରିବାର ସମ୍ପର୍କ ରହିଛି ତେବେ ଜାଣି ରଖନ୍ତୁ ଯେ, ଯେଉଁଠାରେ ଖର୍ଚ୍ଚ କରିବା ପ୍ରଜୁଜ୍ୟ ମୁଁ ସେହିଠାରେ ହିଁ ଖର୍ଚ୍ଚ କରିଥାଏ । ଆଉ ଯେଉଁ ପର୍ଯ୍ୟନ୍ତ ମୋ କୁନିୟତ୍‌ର ସମ୍ପର୍କ ରହିଛି ତେବେ ତାହା ମତେ ହଜୁର ସ:ଆ:ସ ପ୍ରଦାନ କରିଛନ୍ତି ଏବଂ ତାହା ମୁଁ କଦାପି ପରିତ୍ୟାଗ କରିବି ନାହିଁ । ଶେଷରେ ମୋର ଆରବୀ ହେବାର ଯେଉଁ ପର୍ଯ୍ୟନ୍ତ କଥା ରହିଲା ତେବେ ଜାଣିରଖ ଯେ ରୋମିମାନେ ମତେ ବାଲ୍ୟାବସ୍ଥାରେ ମତେ କଏଦ କରିନେଇଥଲେ । ତେଣୁ ମୁଁ ତାଙ୍କ ଭାଷା ଶିଖିନେଇଥିଲି । କିନ୍ତୁ ବାସ୍ତବରେ ମୁଁ ନମର୍ ବିନ୍ କାସିଦ୍ କବିଲା ସମ୍ପ୍ରଦାୟର ।

ହଜ୍‌ରତ ଉମର୍ ର:ଅ ହଜ୍‌ରତ୍ ସୋହେବ ର:ଅଙ୍କୁ ବହୁତ ଭଲ ପାଉଥିଲେ ଏବଂ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ତାଙ୍କ ସମ୍ବନ୍ଧରେ ଉଚ୍ଚ ଚିନ୍ତାଧାରା ରଖୁଥିଲେ । ଏପରି କି ଯେତେବେଳେ ହଜ୍‌ରତ ଉମର ର:ଅ ଆହତ ହୋଇଥିଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ୱ୍ସିୟତ କରିଥିଲେ ଯେ, ମୋର ନମାଜ ଯନାଜାଃ ସୋହେବ୍ ର:ଅ ପଢ଼ାଇବେ ଏବଂ ତିନିଦିନ ପର୍ଯ୍ୟନ୍ତ ମୁସଲମାନମାନଙ୍କର ଇମାମତ୍ୱ କରାଇବେ । ଏପର୍ଯ୍ୟନ୍ତ କି ଏହଲେ ଶୁରା (ପରାମର୍ଶଦାତାମାନେ) ବିଭାଗ ମୁସଲମାନମାନଙ୍କ ମଧ୍ୟରୁ ଜଣକୁ ନିଜର ଖଲିଫା ଚୟନ କରିବାରେ ଏକମତ ନ ହୋଇଛନ୍ତି । ସେ ପର୍ଯ୍ୟନ୍ତ ସେ ମୁସଲମାନମାନଙ୍କ ଇମାମତ୍ୱ କରିବେ । ହଜ୍‌ରତ୍ ସୋହେବ୍ ର:ଅ ଶୱାଲ୍ ମାସ ୩୮ ହିଜ୍‌ରୀରେ ମୃତ୍ୟୁବରଣ କରିଥିଲେ । ଅନ୍ୟ କେତେକଙ୍କ ନିକଟରେ ତାଙ୍କର ବିୟୋଗ ୩୯ ହିଜ୍‌ରୀରେ ହୋଇଥିଲା । ମୃତ୍ୟୁବେଳେ ତାଙ୍କୁ ୭୩ ବର୍ଷ ହୋଇଥିଲା । ତାଙ୍କୁ ମଦିନାରେ କବର ଦିଆଯାଇଥିଲା ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୨୩ ପୃ-୪୧.......... ବେରୁତ ୨୦୧୬)*

ହଜୁର ଅନୱର ଅ:ବ:ଅ କହିଲେ ପରବର୍ତୀ ସାହାବି ଯାହାଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅ । ତାଙ୍କ ପିତାଙ୍କ ନାମ ରବି ବିନ୍ ଅମ୍ର ଏବଂ ମାତାଙ୍କ ନାମ ହଜିଲା ବିନ୍‌ତ୍ ଇନବା ଥିଲା । ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅ ନିରକ୍ଷର ଯୁଗରେ ମଧ୍ୟ ଲେଖାପଢ଼ା ଜାଣିଥିଲେ । ସେ ବନୁ ହାରିସ୍ ସଂପ୍ରଦାୟର ଘୋଷକ ଥିଲେ ଏବଂ ବୈଅତେ ଅକବା ଉଲା ଓ ସାନିୟାରେ ସାମିଲ ଥିଲେ ।ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅଙ୍କର ଦୁଇଜଣ ପତ୍ନୀ ଥିଲେ, ଜଣଙ୍କର ନାମ ଉମ୍‌ରା ବିନ୍‌ତ୍ ହଜମ୍ ଓ ଅନ୍ୟଜଣଙ୍କ ନାମ ହବିବା ବିନ୍‌ତେ ଜୈଦ୍ ଥିଲା । ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅଙ୍କର ଦୁଇଟି କନ୍ୟା ସନ୍ତାନ ମଧ୍ୟ ଥିଲେ । ଗୋଟିକର ନାମ ଉମ୍ମେ ସାଆଦ୍ ତାଙ୍କୁ କେତେକ ସ୍ଥଳେ ଉମ୍ମେ ସଇଦ୍ ମଧ୍ୟ କୁହାଯାଉଥିଲା କିନ୍ତୁ ତାଙ୍କର ପ୍ରକୃତନାମ ଜମିଲା ଥିଲା ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୯୫,....... ଖଣ୍ଡ-୮, ପୃ-୩୦୩ ........... ବେରୁତ ୨୦୧୭) (ଉସଦୁଲ୍ କାରୀ........ ଖଣ୍ଡ-୨୦, ପୃ-୨୪୬.......... ବେରୁତ ୨୦୦୩)*

ହିଜ୍‌ରତ୍ ପରେ ହଜୁର ସ:ଆ:ସ ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅ ଓ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କ ମଧ୍ୟରେ ଭାତୃଭାବର ସମ୍ପର୍କ ସ୍ଥାପନ କରିଥିଲେ । ସହି ବୁଖାରୀରେ ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ କୁହନ୍ତି ଯେତେବେଳେ ଆମେ ମଦିନା ଆସିଲୁ ହଜୁର ସ:ଆ:ସ ମୋ ସହିତ ସାଆଦ୍‌ଙ୍କର ମୈତ୍ରୀକ ସମ୍ପର୍କ ସ୍ଥାପନ କରିଥିଲେ । ସାଆଦ୍ କହିଲେ ମୁଁ ଅନ୍‌ସାରମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ଧନଶାଳୀ ବ୍ୟକ୍ତି ଏବଂ ମୁଁ ମୋର ଅଧା ସମ୍ପତି ତୁମକୁ ପ୍ରଦାନ କରୁଅଛି ତଥା ମୋର ଦୁଇପତ୍ନୀଙ୍କ ମଧ୍ୟରୁ ଯିଏ ଆପଣଙ୍କୁ ପସନ୍ଦ ଲାଗୁଛନ୍ତି ତାହାକୁ ମୋ ନିଜଠାରୁ ବିଚ୍ଛେଦ କରୁଛି ଏବଂ ଯେତେବେଳ ତାଙ୍କର ଇଦ୍ଦତ ସମୟ ପୂରଣ ହୋଇଯିବ ଆପଣ ତାହାଙ୍କୁ ବିବାହ କରିନେବେ । ଏହା ଶୁଣି ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ କହିଲେ ଏହାର କୌଣସି ଆବଶ୍ୟକତା ନାହିଁ ତୁମେ କେବଳ ଏତିକି କୁହ ଏଠାରେ ବଜାର କେଉଁଠିରେ ରହିଛି ଯେଉଁଠି କାରବାର ହୁଏ । ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅ କୈନ୍‌କାଆ ବଜାର ସମ୍ବନ୍ଧରେ ତାଙ୍କୁ ଅବଗତ କଲେ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ ପରବର୍ତୀ ଦିନ ସକାଳୁ ଉଠି ସେଠାକୁ ଚାଲିଗଲେ ଏବଂ ପନୀର ଓ ଘିଅ ନେଇ ଆସିଲେ । ଏହିପରି ପ୍ରତିଦିନ ସକାଳେ ବଜାର ଚାଲିଯାଆନ୍ତି । କିଛିଦିନ ପରେ ସେ ହଜୁର ସ:ଆ:ସଙ୍କ ନିକଟରେ ହାଜର ହେଲେ ସେତେବେଳେ ତାଙ୍କଠାରେ ଜାଫ୍‌ରନ୍‌ର ଚିହ୍ନ ଥିଲା । ଯେଉଁ ବ୍ୟକ୍ତି ବିବାହ କରେ ସେ ଜାଫ୍‌ରନ୍ ଲଗାଏ । ଅତଏବ ସେ ବିବାହ କରିନେଇଥିଲେ ଏବଂ ଏକଥା ହଜୁର ସ:ଆ:ସଙ୍କୁ ଜ୍ଞାତ ନଥିଲା ତେଣୁ ହଜୁର ସ:ଆ:ସ ତାଙ୍କୁ ପଚାରିଲେ ଏହା କଣ ? ସେ ଯାହା ହେଉ ହଜୁର ସ:ଆ:ସ କହିଲେ ତୁମେ କାହା ସହିତ ବିବାହ କରିଛ ସେ ଉତର ଦେଲେ ଅନ୍‌ସାରର୍ ଜଣେ ମହିଳା, ମୁଁ ତାଙ୍କୁ ବିବାହ କରିଛି । ପ୍ରତିଉତରରେ ହଜୁର ସ:ଆ:ସ କହିଲେ କେତେ ମାହେର୍ ଧାର୍ଯ୍ୟ କରିଛ ? ସେ ଉତର ଦେଲେ ଏକ ଟାକୁଆ ଓଜନର ସୁନାର ମେହେର କିମ୍ବା ସୁନାର ଟାକୁଆ ମୁଁ ହକ୍ ମେହର୍ ଦେଇଛି । ନବୀ ସ:ଆ:ସ କହିଲେ ଯେ, ଗୋଟିଏ ଛେଳି ହେଉନା କାହିଁକି ୱ୍ଲିମାର ଆୟୋଜନ କର । ସୁତରାଂ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କ ସାମର୍ଥ୍ୟ ଅନୁଯାୟୀ ୱ୍ଲିମା କରିବାକୁ ତାଙ୍କର ଧ୍ୟାନ ଆକର୍ଷଣ କରାଇଥିଲେ ।

*(ସହୀ ବୁଖାରୀ.......... ହଦିସ୍ ନଂ- ୨୦୪୮)*

ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅ ବଦର୍, ୱ୍ହଦ୍ ଯୁଦ୍ଧରେ ସାମିଲ ହୋଇଥିଲେ ଏବଂ ୱ୍ହଦ୍ ଯୁଦ୍ଧରେ ହିଁ ଶହୀଦ ହୋଇଥିଲେ । ୱ୍ହଦ୍ ଯୁଦ୍ଧ ଦିନ ରସୁଲୁଲ୍ଲାଃ ସ:ଆ:ସ କହିଲେ କିଏ ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅଙ୍କ ସମ୍ବନ୍ଧରେ ମତେ ସୁଚନା ଆଣିଦେବ । ଜଣେ ବ୍ୟକ୍ତି ଉତର ଦେଲେ ହଜୁର ମୁଁ ଖବର ଆଣିଦେଉଛି । ସୁତରାଂ ସେ ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅଙ୍କୁ ଶହୀଦ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ସନ୍ଧାନ କରିବାକୁ ଚାଲିଗଲେ ।

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

### ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱ୍ଲିଇଉଁ ୱ୍ଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahmadiyya, Pankal (Odisha)*

## CORONA VIRUS ଦ୍ୱାରା ବ୍ୟାପୁଥିବା ମହାମାରୀ ରୋଗ ପାଇଁ ହୋମିଓପାଥି ଔଷଧ

ସାରା ଦୁନିଆରେ CORONA VIRUS କ୍ଷିପ୍ରଗତିରେ ବ୍ୟାପିଚାଲିଛି ତେଣୁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଅତ୍ୟନ୍ତ ଦୟାପରବଶ ହୋଇ ନିମ୍ନଲିଖିତ ଔଷଧଗୁଡ଼ିକର ସେବନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

### ପ୍ରତିଶେଧକ ନିମନ୍ତେ

(୧) ପ୍ରତିଶେଧକ ମୂଳକ ଔଷଧକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ନିୟମିତ ବ୍ୟବହାର କରି ପୁଣି ଏକ ସପ୍ତାହ ବିରତି ଦେଇ ତା'ପର ସପ୍ତାହ ବ୍ୟବହାର କରନ୍ତୁ । ଏହିପରି ଛଅ ସପ୍ତାହ ପର୍ଯ୍ୟନ୍ତ ଏହି କ୍ରମରେ ଦୋହରାନ୍ତୁ । ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କେବଳ ସପ୍ତାହରେ ଥରେ ଦିଅନ୍ତୁ ।

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

(୨) ୫ ବର୍ଷରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ :

| | | | |
|---|---|---|---|
| (i) | **Aconite - 200** | **Arsenic Alb - 200** | **Gelsemium - 200** |

| | |
|---|---|
| (ii) | **Chelidonium Maj - 1x** |

ଏହି ଦୁଇପ୍ରକାରର ଔଷଧ ଅର୍ଥାତ (i) ଏବଂ (ii) ତିନି ଦିନ ଅନ୍ତରରେ ପାନେ ଲେଖାଏଁ (ଉଦାହରଣ ସ୍ୱରୁପ ସୋମବାର ଏବଂ ଗୁରୁବାର) ଦିନ ଗୋଟିଏ ଗୋଟିଏ ପାନ ଖାଆନ୍ତୁ । ଦଶ ବୁନ୍ଦା ଔଷଧ ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ଖାଆନ୍ତୁ ।

(୩) ଏତତ୍‌ବ୍ୟତିତ ବାକି ସବୁ ଲୋକମାନଙ୍କ ନିମନ୍ତେ:

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

ସପ୍ତାହରେ ଦୁଇଥର (ତିନି ଦିନ ଅନ୍ତରରେ) ଗୋଟିଏ ଗୋଟିଏ ପାନ ଏବଂ **Chelidonium Maj - 1x** ଦଶ ବୁନ୍ଦା ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ସପ୍ତାହରେ ତିନିଥର (ଦୁଇ ଦିନ ଅନ୍ତରାଳରେ) ଗୋଟିଏ ଗୋଟିଏ ପାନ ।

### ରୋଗ ହୋଇଥିଲେ

| | | | |
|---|---|---|---|
| (i) | **Influenzinum-200** | **Bacillinum-200** | **Diphtherinum-200** |

ଗୋଟିଏ ସପ୍ତାହ ସକାଳେ ଓ ସଂନ୍ଧ୍ୟାରେ ତା'ପରେ ସପ୍ତାହକୁ ଦୁଇଥର (ତିନିଦିନ ଅନ୍ତରାଳରେ)

| | | | |
|---|---|---|---|
| (ii) | **Arnica-30** | **Baptisea-30** | **Arsenic Alb-30** |
| | **Heper Sulph-30** | **Nat. Sulph-30** | |

ଦିନରେ ଦୁଇ ରୁ ତିନିଥର

| | |
|---|---|
| (ii) | **Chelidonium Maj - 1x** |

ଦଶ ବୁନ୍ଦା ଢ଼ୋକେ ଦୁଇ ଢ଼ୋକ ପାଣିରେ ମିଶାଇ ଦିନରେ ଦୁଇଥର ଖାଇବା ପରେ ସେବନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅ ଉକ୍ତ ବ୍ୟକ୍ତିଙ୍କୁ ଦେଖି କହିଲେ ତୁମେ କେମିତି ଅଛ ? ସେହି ବ୍ୟକ୍ତି ଜଣକ ଉତର ଦେଲା ଯେ, ମତେ ଆଁ ହଜ୍‌ରତ୍ ସ:ଆ:ସ ଏଥିପାଇଁ ପ୍ରେରଣ କରିଛନ୍ତି କି ମୁଁ ଆପଣଙ୍କ ସଂକ୍ରାନ୍ତରେ ହଜୁର ସ:ଆ:ସଙ୍କୁ ସୁଚିତ କରାଇବି । ତେବେ ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅ କହିଲେ ଯେ, ଆଁ ହଜ୍‌ରତ୍ ସ:ଆ:ସଙ୍କୁ ମୋର ସଲାମ୍ ଜଣାଇବ ଏବଂ ହଜୁର ସ:ଆ:ସଙ୍କୁ ଏହି ସୁଚନା ଦେବ ଯେ, ମତେ ବର୍ଛାର ବାରଟି ଆଘାତ ଲାଗିଛି ଏବଂ ମୋ ସହିତ ଯୁଦ୍ଧ କରୁଥିବା ଶତୃମାନେ ନର୍କକୁ ଚାଲିଯାଇଛନ୍ତି ଅର୍ଥାତ ଯିଏ ବି ମୋ ସହିତ ଯୁଦ୍ଧ କଲା ମୁଁ ତାହାର ବଦ୍ଧ କରିଲି ଏବଂ ମୋ ଜାତିଭାଇଙ୍କୁ ତୁମେ ଏହି ଖବର ଦେବ ଯେ ସେମାନଙ୍କର କୌଣସି ଆଳ ସ୍ୱୀକାର ହେବ ନାହିଁ ଯଦି ହଜୁର ସ:ଆ:ସ ଶହୀଦ ହୋଇଯାଆନ୍ତି ଏବଂ ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ଜୀବିତ ରହିଯାଏ । କୁହାଯାଏ ଯେ, ଯେଉଁବ୍ୟକ୍ତି ତାଙ୍କ ନିକଟକୁ ଯାଇଥିଲେ ସେ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ ଥିଲେ । ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅ, ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅଙ୍କୁ କହିଲେ ତୁମେ ମୋ କୌମ୍‌କୁ ଯାଇ କହିବ ଯେ ତୁମକୁ ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅ ଏହି ସନ୍ଦେଶ ଦେଇଛନ୍ତି କି, ଅଲ୍ଲାଃଙ୍କୁ ଭୟ କର । ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ତୁମେମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଅକ୍‌ବାର ରାତିର ଯେଉଁ ଶପଥ ନେଇଥିଲ ତାହାକୁ ସ୍ମରଣ କର । ଅକ୍‌ବା ଏକ ଅଂଚଳ ଅଟେ ସେଠାରେ ଯେଉଁ ଶପଥ ନେଇଥିଲ ତାହାକୁ ସ୍ମରଣ କର । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ ତୁମପାଇଁ କୌଣସ କାରଣ ପ୍ରଯୁଜ୍ୟ ହେବନାହିଁ ଯେ ଅବିଶ୍ୱାସକାରୀମାନେ ଯଦି ନବୀ ସ:ଆ:ସଙ୍କ ପର୍ଯ୍ୟନ୍ତ ପହଂଚିଯାଆନ୍ତି ଏବଂ ତୁମମାନଙ୍କ ମଧ୍ୟରୁ ଯଦି ଜଣଙ୍କର ଚକ୍ଷୁ ମଧ ସୁସ୍ଥ ଥିବ ଅର୍ଥାତ ଜଣେ ହେଲେ ଜୀବିତ ଥିବ ତେବେ ତାହା ଅଲ୍ଲାଃ ତାଲାଙ୍କ ନିକଟରେ କୌଣସି କାରଣ ଦର୍ଶାଇ ପାରିବ ନାହିଁ ତେବେ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ ବର୍ଣ୍ଣନା କରନ୍ତି ଯେ ମୁଁ ବର୍ତମାନ ସେଠାରେ ଥିଲି ଯେତେବେଳେ ହଜ୍‌ରତ୍ ସାଆଦ୍ ପ୍ରାଣବାୟୁ ତ୍ୟାଗ କଲେ ଅର୍ଥାତ ତାଙ୍କର ନିଧନ ହେଲା । ମୁଁ ସେତେବେଳେ ସମ୍ପୂର୍ଣ୍ଣରୂପେ ମର୍ମାହାତ ଥିଲି ମୁଁ ସେଠାରୁ ଫେରି ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲି ଏବଂ ସେ ସମସ୍ତ କଥାର ସୂଚନା ହଜୁର ସ:ଆ:ସଙ୍କୁ ଦେଲି ଯାହାକି ମୋ ମଧରେ ଓ ସାଆଦ୍ ର:ଅଙ୍କ ମଧ୍ୟରେ ଆଳାପ ହୋଇଥିଲା, ପ୍ରତି ଉତରରେ ହଜୁର ସ:ଆ:ସ କହିଲେ ଅଲ୍ଲାଃ ତାଲା ତାଙ୍କ ଉପରେ ଦୟା ଅବତୀର୍ଣ୍ଣ କରନ୍ତୁ । ସେ ଜୀବିତ ଥିବା ବେଳେ ଓ ମୃତ୍ୟୁପରେ ମଧ୍ୟ ଅଲ୍ଲାଃ ଓ ତାହାଙ୍କ ବାର୍ତାବହଙ୍କର ସୁଭକାଙ୍କ୍ଷିଂ ଥିଲେ । ହଜ୍‌ରତ୍ ସାଆଦ୍ ର:ଅ ଓ ହଜ୍‌ରତ୍ ଖାରଜା ବିନ୍ ଜୈଦ୍ ର:ଅଙ୍କୁ ଗୋଟିଏ କବରରେ ହିଁ କବର ଦିଆଯାଇଥିଲା ।

***(ତବକାତୁଲ୍ କୁବ୍‌ରା..... ଖଣ୍ଡ-୩, ପୃ-୩୯୬........ ବେରୁତ ୨୦୧୭)***
***(ଅଲ୍‌ଇସ୍‌ତିୟାବ ଖଣ୍ଡ-୨, ପୃ-୧୫୭.......... ବେରୁତ ୨୦୧୦)***
***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୩୨-୪୩୩.......... ବେରୁତ ୨୦୧୬)***

ହଜ୍‌ରତ୍ ସାହାବଜାଦା ମିର୍ଜା ବଶୀର୍ ଅହେମଦ୍ ସାହେବ ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅ ଏବଂ ହଜ୍‌ରତ୍ ଖାର୍‌ଜା ବିନ୍ ଜୈଦ୍ ର:ଅଙ୍କ ସାହାଦତ୍ ସମ୍ପର୍କରେ ଅର୍ଥାତ ଶହୀଦ ହେବା ସମ୍ପର୍କରେ ବର୍ଣ୍ଣନା କରନ୍ତି ଯେ, ହଜୁର ସ:ଆ:ସ ମଧ୍ୟ ଯୁଦ୍ଧ ଭୂମିକୁ ଓହ୍ଲାଇ ଆସିଥିଲେ ଏବଂ ସୋହଦାମାନଙ୍କର ଶବଗୁଡ଼ିକର ଯତ୍ନ ନିଆଯାଉଥିଲା ମସୁଲମାନମାନଙ୍କ ଆଗରେ ସେତେବେଳେର ଯେଉଁ ଦୃଶ୍ୟ ରହିଥିଲା ତାହା ମୁସଲମାନମାନଙ୍କୁ ରକ୍ତଭରା ଲୁହ କାନ୍ଦିବାକୁ ବାଧ୍ୟ କରିଥିଲା । ଏହା ସତ୍ୱେ ମଧ୍ୟ ହଜୁର ସ:ଆ:ସ ମଦିନା ଚାଲି ଆସିଲେ । ଶହୀଦ ହୋଇଥିବା ସାହାବାମାନଙ୍କର ଶବଗୁଡ଼ିକର ଅନ୍ତ୍ୟେଷ୍ଟି କ୍ରିୟାର ବ୍ୟବସ୍ଥା ଆରମ୍ଭ ହେଲା । ଅର୍ଥାତ ସେମାନଙ୍କୁ କିପରି କବର ଦିଆଯିବ ଓ ଆଘାତପ୍ରାପ୍ତ ଓ କ୍ଷତାକ୍ତ ସାହାବାମାନଙ୍କୁ ସମ୍ଭାଳିବା ପ୍ରତି ଧ୍ୟାନକେନ୍ଦ୍ରିତ ହେଲା । ସେ ଯାହା ହେଉ ନା କାହିଁକି ମୁସଲମାନମାନଙ୍କ ସମ୍ମୁଖରେ ସେତେବେଳେ ଯେଉଁ ପରିସ୍ଥିତି ଉପୁଜି ଥିଲା ତାହା ଅତ୍ୟନ୍ତ ଭୟାଭୟପୂର୍ଣ୍ଣ ଥିଲା । ଯାହା ସମ୍ପର୍କରେ କୁହାଯାଏ ଯେ ସେହି ପରିସ୍ଥିତି ମୁସଲମାନମାନଙ୍କୁ ରକ୍ତର ଲୁହ କାନ୍ଦିବାକୁ ବାଧ୍ୟ କରିଥିଲା । ୭୦ ଜଣ ମୁସଲମାନ ସାହାବାମାନେ ରକ୍ତାକ୍ତ ଓ ଧୂଳି ଧୁସରିତ ହୋଇ ଯୁଦ୍ଧ ଭୂମିରେ ପଡ଼ି ରହିଥିଲେ ଏବଂ ଆରବର ନୃସଂଶନୀୟ ପ୍ରଥା ଅର୍ଥାତ ମୁସ୍‌ଲା କରିବା ଅର୍ଥାତ ନାକ, ଆଖି, କାନ ଆଦିକୁ ଛେଦ କରିବାର ଯେଉଁ ଅତି ନୀଚପ୍ରଥା ପ୍ରଚଳିତ ଥିଲା । ସାହାବାମାନଙ୍କ ସହିତ ସେମାନେ ସେହିପରି ବର୍ବର କାଣ୍ଡ ଅବ୍ୟାହତ ରଖିଥିଲେ ଓ ତାଙ୍କର ଅଙ୍ଗ ଛେଦନ କରିଥିଲେ ଏବଂ ସେମାନଙ୍କ ମୁଖ ମଣ୍ଡଳକୁ ବିକୃତ କରିଦେଇଥିଲେ ।

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଉଲ୍ଲେଖ କରନ୍ତି ଯେ ସେହି ଶହୀଦ ମୃତକଙ୍କ ମଧ୍ୟରେ କେବଳ ଛଅଜଣ ବ୍ୟକ୍ତି ହିଜ୍‌ରତ୍‌କାରୀ ଥିଲେ ଏବଂ ଅନ୍ୟ ସମସ୍ତେ ଅନ୍‌ସାର୍ ଥିଲେ । କୁରୈଶ୍‌ର ମୃତକଙ୍କ ସଂଖ୍ୟା ୩୧ ଥିଲା । ଯେତେବେଳେ ହଜୁର ସ:ଆ:ସ ନିଜର ଚଚା ଓ ରାଜାଇଭାଇ ଅର୍ଥାତ ଜଣେ ମହିଳାଙ୍କଠାରୁ ଖିରପାନ କରିଥିବା ଦୁଇ ଭ୍ରାତା ହମ୍‌ଜା ବିନ୍ ଅବ୍‌ଦୁଲ୍ ମୁତଲିବଙ୍କ ଶବ ନିକଟରେ ପହଂଚିଲେ । ସେତେବେଳେ ହଜୁର ସ:ଆ:ସ ସଜ୍ଞାହରା ହୋଇଯାଇଥିଲେ । ଅର୍ଥାତ ନିଜ ଚଚାଙ୍କୁ ଦେଖି ଚେତାଶୂନ୍ୟ ପରି ଆପଣଙ୍କର ଅବସ୍ଥା ପାଲଟି ଯାଇଥିଲା । କାରଣ ହତ୍ୟାକାରିଣୀ ହିନ୍ଦା ଯିଏକି ଅବୁ ସୁଫିୟାନ୍‌ର ପତ୍ନୀ ଥିଲେ । ହଜ୍‌ରତ୍ ହମ୍‌ଜା ର:ଅଙ୍କ ଶବକୁ ବିକୃତ କରିଦେଇଥିଲା । କିଛି କ୍ଷଣ ପର୍ଯ୍ୟନ୍ତ ହଜୁର ସ:ଆ:ସ ନୀରବରେ ଛିଡ଼ା ହୋଇ ରହିଲେ ଏବଂ ହଜୁରଙ୍କ ମୁଖମଣ୍ଡଳରୁ ଶୋକ ଓ କ୍ରୋଧର ଲକ୍ଷଣ ସ୍ପଷ୍ଟରୂପେ ପତିୟମାନ ହେଉଥିଲା । କିଛି କ୍ଷଣପାଇଁ ହଜୁରଙ୍କ ସ୍ୱଭାବ ଏହି ଦିଗ ଆଡ଼କୁ ଆକର୍ଷିତ ହେଲା ଯେ ମକ୍କାର ସେହି ଅସଭ୍ୟ ହିଂସ୍ରଙ୍କ ସହିତ ଯେପର୍ଯ୍ୟନ୍ତ ଏହିପରି ବ୍ୟବହାର ନ ହୋଇଛି ସେ ପର୍ଯ୍ୟନ୍ତ ସେମାନଙ୍କର ଚେତା ଫେରିବ ନାହିଁ ଏବଂ ସେମାନଙ୍କୁ ଉଚିତ ଶିକ୍ଷା ମିଳିବ ନାହିଁ କିନ୍ତୁ ହଜୁର ସ:ଆ:ସ ଏହି ଚିନ୍ତାଧାରାରୁ ଓହୋରି ଗଲେ ଏବଂ ନା କେବଳ ଧୈର୍ଯ୍ୟ ପ୍ରଦର୍ଶନ କଲେ ବରଂ ଏହାପରେ ହଜୁର ସ:ଆ:ସ ମୁସଲାର ପ୍ରଥା ଅର୍ଥାତ ଶରୀରର ବିଭିନ୍ନ ଅଙ୍ଗକୁ ଛେଦ କରିବାର ବିକୃତ ପ୍ରଥାକୁ ଓ ପରମ୍ପରାକୁ ଇସ୍‌ଲାମ୍‌ରୁ ଚିରକାଳ ପାଇଁ ନିଷିଦ୍ଧ କରିଦେଲେ ଏବଂ କହିଲେ ଶତୃ ପଛେ ତୁମ ସହିତ ବର୍ବରତା ପ୍ରଦର୍ଶନ କରୁ କିନ୍ତୁ ତୁମେ କଦାପି ଶତୃଙ୍କ ସହିତ ଏଭଳି ଅସଭ୍ୟ ଆଚରଣ ଅବଲମ୍ବନ କରିବ ନାହିଁ । ସେ ଯାହା ହେଉ ନା କାହିଁକି ତୁମେମାନେ ତହିଁରୁ ନିବୃତ ରୁହ ଏବଂ ଉପକାରର ମାର୍ଗ ଅବଲମ୍ବନ କର । ହଜୁର ସ:ଆ:ସଙ୍କ ପିଉସୀ ସଫିଆ ବିନ୍‌ତେ ଅବ୍‌ଦୁଲ୍ ମୁତଲିବ ନିଜ ଭାଇ ହମ୍‌ଜାଙ୍କ ସହିତ ଅତ୍ୟନ୍ତ ଭାବପ୍ରୀୟ ତଥା ପ୍ରେମ ରଖୁଥିଲେ । ସେ ମଧ୍ୟ ମୁସଲମାନମାନଙ୍କର ପରସ୍ତ କଥା ଶୁଣି ମଦିନାରୁ ବାହାରି ଆସିଲେ । ହଜୁର ସ:ଆ:ସ ସଫିୟାଙ୍କ ପୁତ୍ର ଜୁବୈ ବିନ୍ ଅଲ୍ ଅୱାମ୍ ର:ଅଙ୍କୁ କହିଲେ ନିଜ ମାତାଙ୍କୁ ମାମୁଁଙ୍କର ଶବ ଦେଖାଅ ନାହିଁ । କିନ୍ତୁ ଭଉଣୀର ପ୍ରେମ କେତେବେଳ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ରହିଥାନ୍ତା ଭଲା । ତାଙ୍କ ପୁତ୍ର କହିଲେ ଯେ, ମାଆ ଆପଣ ହଜ୍‌ରତ୍ ହମ୍‌ଜା ର:ଅଙ୍କ ଶବକୁ ଦେଖନ୍ତୁ ନାହିଁ କାରଣ ତାଙ୍କ ଶବକୁ ମୁସ୍‌ଲା କରାଯାଇଛି କିନ୍ତୁ ସେ ଅବାଧ୍ୟ ହୋଇ କହିଲେ ମତେ ହମ୍‌ଜାଙ୍କ ଶବ ନିଶ୍ଚିତ ଦେଖାଅ ମୁଁ ପ୍ରତିଶୃତି ଦେଉଛି ଯେ ମୁଁ ଧୈର୍ଯ୍ୟ ଧରିବି ଏବଂ କୌଣସି ଆତୁରାତ ଓ ଅଧିରତା ପ୍ରଦର୍ଶନ କରି କୋଳାହଳ କରିବି ନାହିଁ । ସୁତରାଂ ସେ ଗଲେ ଓ ଭାଇର ଶବକୁ ଦେଖି *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ପଢ଼ି ନୀରବ ହୋଇଗଲେ ।

ପୁନଶ୍ଚ ମିର୍ଜା ବଶୀର୍ ଅହେମଦ୍ ସାହେବ ଉଲ୍ଲେଖ କରିଛନ୍ତି ଯେ, କୁରୈଶ୍‌ମାନେ ଅନ୍ୟ ସାହାବାମାନଙ୍କର ଶବ ସହିତ ମଧ୍ୟ ଏହିପରି ସମାନ ଆଚରଣ ପ୍ରଦର୍ଶନ କରିଥିଲେ ସୁତରାଂ ଆଁ ହଜ୍‌ରତ୍ ସ:ଆ:ସଙ୍କର ପିଉସୀ ପୁତ୍ର ଭାଇଙ୍କ ଶବ ସହିତ ମଧ୍ୟ କୁରୈଶ୍‌ର ଅବିଶ୍ୱାସକାରୀମାନେ ଏହିପରି ଆଚରଣ କରିଥିଲେ ଅର୍ଥାତ ତାଙ୍କର ମୁଖମଣ୍ଡଳକୁ ବିକୃତ କରିଦେଇଥିଲେ । ଯେମିତି ଯେମିତି ଆଁ ହଜ୍‌ରତ୍ ସ:ଆ:ସ ଗୋଟିକ ପରେ ଗୋଟିଏ ଶବ ନିକଟରୁ ଅତିକ୍ରମ କରୁଥିଲେ ସେହିପରି ହଜୁର ସ:ଆ:ସଙ୍କ ମୁଖମଣ୍ଡଳରେ ଶୋକ ଦୁଃଖ ଓ ବ୍ୟଥାର ଲକ୍ଷଣ ବୃଦ୍ଧି ଘଟୁଥିଲା । ବୋଧ ହୁଏ ସେହି ଅବସରରେ ହଜୁର କହିଲେ କି କେହି ଜଣେ ଯାଇ ଦେଖ ଯେ, ଧନାଢ଼୍ୟ ସାଆଦ୍ ବିନ୍ ରବି ର:ଅଙ୍କ ଅବସ୍ଥା କିଭଳି କଣ ସେ ଜୀବିତ ଅଛନ୍ତି ଅବା ବିରଗତି ପ୍ରାପ୍ତ କରିନେଇଛନ୍ତି ? କାରଣ ମୁଁ ଯୁଦ୍ଧ ସମୟରେ ତାଙ୍କୁ ଦେଖିଥିଲି ଯେ ସେ ଶତୃମାନଙ୍କ ବର୍ଛା ମଧ୍ୟରେ ଦୟନୀୟ ଅବସ୍ଥାରେ କବଳିତ ହୋଇଯାଇଥିଲେ । ତାଙ୍କ କହିବା ଯୋଗୁଁ ଜଣେ ଅନ୍‌ସାରୀ ସାହାବି ଉବୈ ବିନ୍ କାଆବ୍ ର:ଅ ଗଲେ ଏବଂ ଯୁଦ୍ଧ ଭୂମିରେ ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅଙ୍କର ସନ୍ଧାନ କଲେ କିନ୍ତୁ କିଛି ଜଣାପଡ଼ିଲା ନାହିଁ । ତାଙ୍କର କୌଣସି ଖବର ମିଳିଲା ନାହିଁ । ପରିଶେଷରେ ସେ ଉଚ୍ଚ ସ୍ୱରରେ ସାଆଦ ର:ଅଙ୍କ ନାମ ନେଇ ଡ଼ାକିବା ଆରମ୍ଭ କଲେ କିନ୍ତୁ ତଥାପି ସାଆଦ୍ ବିନ୍ ର:ଅଙ୍କ କୌଣସି ସୁରାଗ ମିଳିଲା ନାହିଁ । ସେ ନୀରାଶ ହୋଇ ଫେରିବାକୁ ଯାଉଥିଲେ କି ମନରେ ଭାବନା ଉତ୍ପନ୍ନ ହେଲା କି ଯଦି ମୁଁ ହଜୁର ସ:ଆ:ସଙ୍କ ନାମ ନେଇ ଡ଼ାକେ ତାହାଲେ ବୋଧ ହୁଏ ତାଙ୍କର କିଛି ଖବର ମିଳିଯିବ । ପ୍ରଥମେ ତ ଖାଲି ନାମ ଧରି ଡ଼ାକିଲେ ପୁଣି ନିଜ ମନରେ କହିଲେ ଯେ ମୁଁ ଏହିଭଳି ଡ଼ାକିବା ଉଚିତ ଯେ, ହଜୁର ସ:ଆ:ସ ତୁମର ସନ୍ଧାନ କରିବାପାଇଁ ମତେ ପ୍ରେରଣ କରିଛନ୍ତି । ସୁତରାଂ ସେ ଉଚ୍ଚ ସ୍ୱରରେ ଡ଼ାକିବା ଆରମ୍ଭ କଲେ । ସାଆଦ୍ ବିନ୍ ରବି ତୁମେ କେଉଁଠି ଅଛ ମତେ ହଜୁର ସ:ଆ:ସ ତୁମ ସମ୍ବନ୍ଧରେ ସୁଚନା ଆଣିବାପାଇଁ ପଠାଇଛନ୍ତି । ଉକ୍ତ ସ୍ୱରଟି ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅଙ୍କ ଅର୍ଦ୍ଧମୃତ ଶରୀରରେ ଏକ ବିଦ୍ୟୁତ ତରଙ୍ଗ ଭଳି ଲହରୀ ସଂଚାଳିତ କରିଥିଲା । ସେ ଶବଗୁଡ଼ିକର ମଧ୍ୟରୁ ଅର୍ଦ୍ଧମୃତ ଅବସ୍ଥାରେ ପଡ଼ି ରହିଥିଲେ ଯେତେବେଳେ ସେ ହଜୁର ସ:ଆ:ସଙ୍କ ନାମ ଶୁଣିଲେ ସେତେବଳେ ହଠାତ୍ ତାଙ୍କ ଶରୀରରେ ଏକ କମ୍ପନ ସୃଷ୍ଟି ହେଲା କିନ୍ତୁ ସେ କ୍ଷୀଣ ସ୍ୱରରେ ଉତର ଦେଲେ: କିଏ ମୁଁ ଏଠାରେ ଅଛି । ଉବୈ ବିନ୍ କାଆବ୍ ଧ୍ୟାନପୂର୍ବକ ଦେଖିଲେ ଏବଂ କିଛି ଦୂରତାରେ ମୃତକଙ୍କ ମଧ୍ୟରେ ହଜ୍‌ରତ ସାଆଦ୍ ବିନ୍ ରବିଙ୍କୁ ପଡ଼ିଥିବାର ପାଇଲେ । ଯିଏକି ସେତେବେଳେ ମୃତ୍ୟୁର ନିକଟରେ ନିଜ ପ୍ରାଣବାୟୁ ହରାଇବାକୁ ଯାଉଥିଲେ । ଉବୈ ବିନ୍ କାଆବ୍ ତାଙ୍କୁ କହିଲେ ଯେ ହଜୁର ସ:ଆ:ସ ମତେ ଏଥିପାଇଁ ପ୍ରେରଣ କରିଛନ୍ତି କି ମୁଁ ଆପଣଙ୍କର ଅବସ୍ଥା ସମ୍ପର୍କରେ ସୂଚିତ କରାଏ । ସାଆଦ୍ ବିନ୍ ରବି ର:ଅ ଉତର ଦେଲେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ମୋର ସଲାମ୍ ଜଣାଇବ ଏବଂ କହିବ ଯେ, ଅଲ୍ଲାଃ ତାଲାଙ୍କର ବାର୍ତାବହକଙ୍କୁ ସେମାନଙ୍କର ଅନୁଗାମୀ

ମାନଙ୍କର ବଳିଦାନ ଓ ନିଷ୍ଠା ଯୋଗୁଁ ପୂଣ୍ୟ ମିଳିଥାଏ । ଅଲ୍ଲାଃ ତାଲା ସେହି ପୂଣ୍ୟ ସମସ୍ତ ନବୀମାନଙ୍କ ଅପେକ୍ଷା ଅଧିକ ହଜୁର ସ:ଆ:ସଙ୍କୁ ପ୍ରଦାନ କରିଛନ୍ତି ଏବଂ ଆପଣଙ୍କ ଚକ୍ଷୁକୁ ଶୀତଳ ପ୍ରଦାନ କରିଛନ୍ତି । ଏବଂ ମୋର ମୁସଲମାନ ଭାଇମାନଙ୍କ ମଧ୍ୟ ସଲାମ୍ ଜଣାଇଦେବ ଏବଂ ମୋର ଜାତିଭାଇଙ୍କୁ ମଧ୍ୟ କହିବ ଯେ, ତୁମମାନଙ୍କର ଜୀବନ ଥାଉ ଥାଉ ଯଦି ହଜୁର ସ:ଆ:ସଙ୍କ କୌଣସି କ୍ଷତି ବା କଷ୍ଟ ପହଂଚେ ତେବେ ଅଲ୍ଲାଃ ତାଲାଙ୍କ ନିକଟରେ ତୁମର କୌଣସି ବାହାନା ବା ଆଳ ଗୃହୀତ ହେବ ନାହିଁ । ଏହା କହି ସାଆଦ୍ ର:ଅଙ୍କ ପ୍ରାଣବାୟୁ ଉଡ଼ିଗଲା ।

*(ସିରତ୍ ଖାତ୍‌ମୁନ୍ ନବିୟିନ୍, ପୃ- ୫୦୦-୫୦୧)*

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ମଧ୍ୟ ଉକ୍ତ ଘଟଣା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି, ହଜୁର ର:ଅ ନିଜସ୍ୱ ଭାଷାରେ ଏହିପରି ବର୍ଣ୍ଣନା କରିଛନ୍ତି ଯେ, ଓ୍ୱହଦ୍ ଯୁଦ୍ଧରେ ଏକ ଘଟଣା ଏପରି ଘଟିଥିଲା କି ଯୁଦ୍ଧପରେ ହଜୁର ସ:ଆ:ସ ଉବୈ ବିନ୍ କାଆବ୍ ର:ଅଙ୍କୁ କହିଲେ ଯେ ଯାଅ ଆହତ ଲୋକମାନଙ୍କୁ ଯାଇ ଦେଖ । ସେ ଆହତ ଲୋକମାନଙ୍କୁ ଦେଖୁ ଦେଖୁ ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅଙ୍କ ନିକଟରେ ପହଂଚିଲେ ଯେ କି ଗମ୍ଭୀର ଅବସ୍ଥାରେ ଆହତ ହୋଇ ପଡ଼ି ରହିଥିଲେ । ସେ ନିଜର ଶେଷ ନିସ୍ୱାଶ ତ୍ୟାଗ କରୁଥିଲେ ସେ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅଙ୍କୁ ଦେଖି କହିଲେ କି ଆପଣ ଯଦି ନିଜ ସମ୍ପର୍କୀୟ ଓ ପରିଜନମାନଙ୍କୁ କିଛି ବାର୍ତା ଦେବାକୁ ଚାହୁଁଛନ୍ତି ତେବେ ମତେ କୁହନ୍ତୁ । ହଜ୍‌ରତ୍ ସାଆଦ୍ ସ୍ମିତହାସ୍ୟ ପ୍ରକାଶ କରି କହିଲେ କି ମୁଁ ଏହି ସୁଯୋଗର କେବେଠାରୁ ଅପେକ୍ଷାରତ ଥିଲି । ମୋ ନିକଟକୁ କୌଣସି ମୁସଲମାନ ଆସିଲେ ନାହିଁ ଯଦ୍ୱାରା ମୁଁ ତାଙ୍କୁ ନିଜର ର୍ବାତା ପ୍ରଦାନ କରିବି । ତୁମେ ମୋ ହାତ ଧରି ଏହି ପ୍ରତିଜ୍ଞା ଦିଅ ଯେ ତୁମେ ମୋର ବାର୍ତାକୁ ଅବଶ୍ୟ ପହଂଚାଇ ଦେବ । ଏହାପରେ ସେ ଯେଉଁ ବାର୍ତା ଦେଇଥିଲେ ତାହା ଏପରି ଥିଲା । ଯେ ମୋର ସମସ୍ତ ମୁସଲମାନ ଭାଇମାନଙ୍କୁ ମୋର ସଲାମ୍ ଜଣାଇଦେବ ଏବଂ ମୋର ଜାତି ଭାଇଙ୍କୁ ମୋର ପରିଜନ ତଥା ସମ୍ପର୍କୀୟଙ୍କୁ କହିବ ଯେ, ଆମମାନଙ୍କ ପାଇଁ ହଜୁର ସ:ଆ:ସ ହେଉଛନ୍ତି ଅଲ୍ଲାଃ ତାଲାଙ୍କର ସର୍ବଶ୍ରେଷ୍ଠ ସନ୍ତକ ଏବଂ ନିଜ ପ୍ରାଣବଳୀ ଦେଇ ଏହି ସନ୍ତକର ଆମକୁ ସୁରକ୍ଷା କରିବାର ଅଛି । ଆମେ ତ ଇହଧାମ ଛାଡ଼ି ଚାଲିଯାଉଛୁ ଅର୍ଥାତ ମୁଁ ତ ଇହଧାମ ଛାଡ଼ି ଚାଲିଯାଉଛି ଏବଂ ଉକ୍ତ ସନ୍ତକର ସୁରକ୍ଷା ଦାୟିତ୍ୱ ତୁମମାନଙ୍କ ଉପରେ ନ୍ୟସ୍ତ ରହିଲା । ଏପରି ନ ହେଉ କି ତୁମେ ତାହାର ସୁରକ୍ଷାରେ କୌଣସି ଅବହେଳା ବା ତ୍ରୁଟି ପ୍ରଦର୍ଶନ କର । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ମଧ୍ୟ ଉକ୍ତ ଘଟଣା ସମ୍ପର୍କରେ ବର୍ଣ୍ଣନା କରିସାରିବା ପରେ କହିଲେ ଯେ, ଦେଖ ଏଭଳି ପରିସ୍ଥିତିରେ ଯେତେବେଳେ ମନୁଷ୍ୟ ପ୍ରାଣବାୟୁ ଉଡ଼ିବାକୁ ବସିଥିବ ସେତେବେଳେ ମନୁଷ୍ୟ ମନରେ କେତେକଣ ଚିନ୍ତା ଧାରା ଉଦ୍ରେକ ହୋଇଥାଏ । ସେ ଭାବେ ଯେ ମୋର ପତ୍ନୀଙ୍କର ଅବସ୍ଥା କଣ ହେବ ମୋ ସନ୍ତାନମାନଙ୍କୁ କିଏ ପଚାରିବ କିନ୍ତୁ ଏହି ସାହାବା ଜଣକ ଏପରି କୌଣସି ବାର୍ତା ପ୍ରଦାନ କରିନଥିଲେ କେବଳ ଏତିକି କହିଥିଲେ କି ଆମେ ମାନେ ହଜୁର ସ:ଆ:ସଙ୍କ ସୁରକ୍ଷା କରୁ କରୁ ଇହ କାଳରୁ ବାହୁଡ଼ି ଯାଉଛୁ । ତେଣୁ ତୁମେମାନେ ମଧ୍ୟ ଏହି ମାର୍ଗରେ ଆମମାନଙ୍କ ପଛେ ପଛେ ଆସ ଅର୍ଥାତ ଆମ ପଦାଙ୍କ ଅନୁସରଣ କର । ସବୁଠୁ ବଡ଼ କାମ ହେଉଛି ଯେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସୁରକ୍ଷା କରିବା ।

ମୁସ୍‌ଲେହ ମଉଦ ର:ଅ ଉଲ୍ଲେଖ କରିଛନ୍ତି ଯେ ସେହି ସାହାବାମାନଙ୍କ ଭିତରେ ଏହିଭଳି ବିଶ୍ୱାସର ଶକ୍ତି ରହିଥିଲା । ଯେଉଁ ଶକ୍ତି ମାଧ୍ୟମରେ ସେ ଦୁନିଆକୁ ଓଲଟପାଲଟ କରିଦେଇଥିଲେ । କୈସ୍‌ର ଏବଂ କିସ୍‌ରା ଅର୍ଥାତ ରୋମ୍ ଓ ଇରାନ୍‌ର ମହାରାଜାଙ୍କୁ ଗାଦିଚ୍ୟୁତ କରାଇଥିଲେ । ରୋମ୍‌ର ମହାରାଜା ଆଶ୍ଚର୍ଯ୍ୟ ଚକିତ ଥିଲେ ଯେ ଏମାନେ କିଏ ? କିସ୍‌ରାର ରାଜା ନିଜର ସେନା ନାୟକକୁ ପତ୍ର ଲେଖିଲେ ଯେ ଯଦି ତୁମେ ଆରବୀୟମାନଙ୍କୁ ପରାସ୍ତ କରିପାରୁନ ତେବେ ଫେରି ଆସ ଏବଂ ଘରେ ଶଙ୍ଖା, ଚୁଡ଼ି ପିନ୍ଧି ବସ । ସେ ନିଜ ସେନାମୁଖ୍ୟକୁ ଏହିଭଳି କଟାକ୍ଷ ବାଣୀ ଶୁଣାଇଥିଲେ । ଏମାନେ ହେଉଛନ୍ତି ମଳ ଖାଇବା ଲୋକେ ସେମାନଙ୍କୁ ଯଦି ତୁମେ ଅଟକାଇପାରୁନାହ । ଏମାନେ ତ ହେଉଛନ୍ତି ଅତି ସାଧାରଣ ଲୋକ ସେମାନଙ୍କୁ ଖାଇବାକୁ ଠିକ୍‌ରେ ମିଳୁନାହିଁ , ଏମାନେ ଖାଦ୍ୟ ଭରପୂର ପେଟରେ ଖାଇନଥାନ୍ତି । ଏ ସବୁ ଶୁଣି ସେନାଧକ୍ଷ ଉତର ଦେଲେ ଯେ ଏମାନେ କୌଣସି ସାଧାରଣ ଲୋକ ଜଣାପଡୁନାହାନ୍ତି । ଏମାନେ ହେଉଛନ୍ତି ବିପତିର ଅନ୍ୟ ନାମ ଏମାନେ ଖଡ୍ଗ ଓ ବର୍ଚ୍ଛା ଉପରକୁ ଲମ୍ଫମାରି ଆସୁଛନ୍ତି । ଏମାନଙ୍କ ଭିତରେ ଏଭଳି ଉତ୍ସାହ ଏବଂ ଉଦ୍ଦିପନା ରହିଛି ଯେ ଆମେମାନେ ଏମାନଙ୍କୁ କିପରି ପରାସ୍ତ କରିପାରିବୁ ।

*(ତଫ୍‌ସୀର କବୀର ଖଣ୍ଡ-୭, ପୃ- ୩୩୮)*

ଏକଦା ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅଙ୍କ ସୁପୁତ୍ରୀ ଉମ୍ମେ ସାଆଦ୍ ଯେତେବେଳେ ହଜ୍‌ରତ୍ ଅବୁବକର ର:ଅଙ୍କ ନିକଟକୁ ଗଲେ ସେତେବେଳେ ହଜ୍‌ରତ୍ ଅବୁବକର ର:ଅ ତାଙ୍କ ପାଇଁ ନିଜର ବସ୍ତ୍ର ବିଛାଇ ଦେଲେ । ହଜ୍‌ରତ୍ ଉମର୍ ର:ଅ ଆସିଲେ ଓ ପଚାରିଲେ ଇଏ କିଏ ? ହଜ୍‌ରତ୍ ଅବୁବକର ର:ଅ କହିଲେ ଏ ହେଉଛନ୍ତି ସେହି ବ୍ୟକ୍ତିଙ୍କ ସୁପୁତ୍ରୀ ଯିଏ କି ମୋ ଠାରୁ ଓ ତୁମଠାରୁ ଉତମ ଥିଲେ । ହଜ୍‌ରତ୍ ଉମର୍ ର:ଅ କହିଲେ ହେ ରସୁଲୁଲ୍ଲାଃ ସ:ଆ:ସଙ୍କର ଖଲିଫା ! ସେ କିଏ ହଜରତ ଅବୁବକର ର:ଅ କହିଲେ ସେ ବ୍ୟକ୍ତି ଯାହାଙ୍କ ବିୟୋଗ ଆଁ ହଜ୍‌ରତ୍ ସ:ଆ:ସଙ୍କ କାଳରେ ହୋଇଯାଥିଲା ଏବଂ ସେ ସ୍ୱର୍ଗରେ ନିଜର ଠିକଣା ଧାର୍ଯ୍ୟ କରିନେଇଥିଲେ ଏବଂ ଏବେ କେବଳ ତୁମେ ଓ ମୁଁ ରହିଯାଇଅଛେ ।

*(ଅଲ୍‌ଅସାବାଃ ଖଣ୍ଡ-୨, ପୃ- ୩୧୫.......... ବେରୁତ ୨୦୦୧)*

ହଜ୍‌ରତ୍ ଜାବୀର୍ ବିନ୍ ଅବଦୁଲ୍ଲାଃ ର:ଅ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ସାଆଦ୍ ବିନ୍ ରବି ର:ଅଙ୍କ ପତ୍ନୀ ନିଜର ଦୁଇ ପୁତ୍ରୀଙ୍କ ସଙ୍ଗେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପାଖକୁ ଆସିଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ଏ ଦୁଇଜଣ ହେଉଛନ୍ତି ସାଆଦ୍ ବିନ୍ ରବି ର:ଅଙ୍କ ସୁପୁତ୍ରୀ ଯାହାଙ୍କ ପିତା ଲଢୁ ଲଢୁ ଓ୍ୱହଦ୍ ଯୁଦ୍ଧରେ ବିରଗତୀ ପ୍ରାପ୍ତ କରିଥିଲେ ଏବଂ ତାଙ୍କର ଚଚା ତାଙ୍କର ଧନସମ୍ପତି ନିଜ ଆୟତ ଧିନ କରିନେଇଛନ୍ତି ଏବଂ ସ୍ୱର୍ଗତ ସାଆଦ୍ ର:ଅଙ୍କ ପୁତ୍ରୀମାନଙ୍କୁ କିଛି ମିଳିନାହିଁ ଏବଂ ସାଆଦ୍ ର:ଅ ସେମାନଙ୍କ ପାଇଁ କିଛି ଅର୍ଥ ଛାଡ଼ି ଯାଇନାହାନ୍ତି । ଯେ ପର୍ଯ୍ୟନ୍ତ ସେମାନଙ୍କ ନିକଟରେ ଧନ ନାହିଁ ସେ ପର୍ଯ୍ୟନ୍ତ ସେମାନଙ୍କର ବିବାହ ମଧ୍ୟ ହୋଇପାରିବ ନାହିଁ । ହଜୁର ସ:ଆ:ସ କହିଲେ ଅଲ୍ଲାଃ ତାଲା ଏ ସଂକ୍ରାନ୍ତରେ ବିଚାର କରିବେ ସୁତରାଂ ତତ୍‌ସଂକ୍ରାନ୍ତରେ ଉତରାଧିକାରୀ ସମ୍ବଳିତ ଆୟତ ଅବତୀର୍ଣ୍ଣ ହେଲା । ହଜୁର ସ:ଆ:ସ ସେହି ଚଚାଙ୍କୁ ଡ଼କାଇଲେ ଏବଂ କହିଲେ ସାଆଦ୍ ର:ଅଙ୍କ ପୁତ୍ରୀଙ୍କୁ ସାଆଦ୍‌ଙ୍କର ସମ୍ପତିର ତୃତୀୟଭାଗ ପ୍ରଦାନ କର ଏବଂ ପୁତ୍ରୀଙ୍କ ମାତାଙ୍କୁ ଅଷ୍ଟମାଂସ ଅଂଶ ପ୍ରଦାନ କରିଦିଅ ଏଥିଅନ୍ତେ ଯାହା ବଳିପଡ଼ିବ ତାହା ତୁମର ଅଟେ ।

*(ସୁନନେ ତିରିମିଜି..... ହଦିସ୍ ନଂ- ୨୦୯୨)*

ଏ ସଂକ୍ରାନ୍ତରେ ଉକ୍ତ ଘଟଣାର କିଛି ବିଷଦ ବିବରଣୀ ସମ୍ପର୍କରେ ଚର୍ଚ୍ଚା କରି ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ସିରତ୍ ଖାତ୍‌ମୁନ୍ ନବିଇନ୍‌ରେ ଉଲ୍ଲେଖ କରନ୍ତି ଯେ ହଜ୍‌ରତ୍ ସାଆଦ୍ ଜଣେ ଧନୀକ ବ୍ୟକ୍ତି ଥିଲେ ସେ ସୁସ୍ୱାଦ୍ୟ ଖାଦ୍ୟ ଖାଉଥିଲେ । ନିଜ ସମ୍ପ୍ରଦାୟରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ ତାଙ୍କର କୌଣସି ପୁତ୍ର ସନ୍ତାନ ନଥିଲା କେବଳ ଦୁଇଜଣ ପୁତ୍ରୀ ଓ ଜଣେ ପତ୍ନୀ ରହିଯାଇଥିଲେ । ଯେହେତୁ ବର୍ତମାନ ସୁଧା ହଜୁର ସ:ଆ:ସଙ୍କ ଉପରେ ସମ୍ପତି ସଂକ୍ରାନ୍ତରେ କୌଣସି ନୂତନ ଆୟତ ଅବତୀର୍ଣ୍ଣ ହୋଇନଥିଲା ଏବଂ ସାହାବାମାନଙ୍କ ମଧ୍ୟରେ ପ୍ରାଚୀନ ପ୍ରଥା ତଥା ଆରବୀୟ ପରମ୍ପରା

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

ଅନୁଯାୟୀ ସମ୍ପତି ଭାଗ ହେଉଥିଲା । ମୃତକ ଅର୍ଥାତ ମୃତ୍ୟୁବରଣ କରିଥିବା ବ୍ୟକ୍ତିର ଯଦି ପୁତ୍ର ସନ୍ତାନ ନଥାଏ ତେବେ ସେ ପରିପ୍ରେକ୍ଷୀରେ ତା'ର ସମସ୍ତ ଧନସମ୍ପତି ତା ପୈତୃକ ସମ୍ପର୍କୀୟ ମାନଙ୍କ ଅଧିନସ୍ତ ହେଇଯାଉଥିଲା ଏବଂ ବିଧବା ଓ ପୁତ୍ରୀମାନେ ହସ୍ତ ଶୁନ୍ୟ ରହିଯାଉଥିଲେ । ଏଣୁ ସାଆଦ୍ ବିନ୍ ରବି ର:ଅ ତାଙ୍କ ସାହାଦତ୍ ବେଳେ ତାଙ୍କର ଭାଇ ସମସ୍ତ ପୈତୃକ ସମ୍ପତିକୁ ନିଜ ଅଧିନସ୍ତ କରିନେଇଥିଲେ ଏବଂ ସାଆଦ୍ଙ୍କ ବିଧବା ପତ୍ନୀ ଓ ତାଙ୍କ ପୁତ୍ରୀଙ୍କୁ ସମ୍ପୁର୍ଣ୍ଣରୂପେ ଅସହାୟ ଛାଡ଼ିଦେଇଥିଲେ । ଏହି ସମସ୍ୟାରେ ଜର୍ଜରିତ ହୋଇ ସାଆଦ୍ ର:ଅଙ୍କ ବିଧବା ପତ୍ନୀ ନିଜର ଦୁଇ ପୁତ୍ରୀଙ୍କୁ ସାଥିରେ ନେଇ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇଥଲେ ଓ ସମସ୍ତ ଜୀବନ ବୃତାନ୍ତ ବର୍ଣ୍ଣନା କରି ଦୁଃଖକଷ୍ଟରୁ ଉଧାର ପାଇବାପାଇଁ ଗୁହାରି କରିଥିଲେ । ହଜୁର ସ:ଆ:ସଙ୍କର ନିର୍ମଳ ସ୍ୱଭାବକୁ ଉକ୍ତ ଘଟଣା ଗଭୀର ଭାବରେ ଆଘାତ କରିଥିଲା । କିନ୍ତୁ ଯଦି ଏ ସଂକ୍ରାନ୍ତରେ ବର୍ତମାନ ସୁଧା ଅଲ୍ଲାଃଙ୍କ ତରଫରୁ ଧର୍ମାଦେଶ ଅବତୀର୍ଣ୍ଣ ହୋଇନଥିଲା ତେଣୁ ହଜୁର ସ:ଆ:ସ ଆପଣଙ୍କୁ ଅପେକ୍ଷା କରିବାରୁ ନିର୍ଦ୍ଦେଶ ଦେଇଥିଲେ । ଅଲ୍ଲାଃ ତାଲାଙ୍କ ତରଫରୁ ଯାହା ବି ଆଦେଶ ଅବତୀର୍ଣ୍ଣ ହେବ ତଦାନୁଯାୟୀ ବିଚାର ହେବ ବୋଲି କହିଥିଲେ ଓ ଏହି ଆଶ୍ୱସନା ଦେଇ ତାଙ୍କୁ ବିଦାୟ ଦେଇଥିଲେ । ସୁତରାଂ ଆଁ ହଜ୍‌ରତ୍ ସ:ଆ:ସ ଉକ୍ତ ଘଟଣାରେ ଧ୍ୟାନ ଦେବାକୁ ଅଧିକ ସମୟ ବିତିନଥିଲା କି ହଜୁରଙ୍କ ଉପରେ ପୈତୃକ ସମ୍ପତି ସମ୍ପର୍କରେ କେତେକ ଆୟତ ଅବତୀର୍ଣ୍ଣ ହେଲା ଯାହାକି କୋରାନ୍ ସରିଫରେ ମଧ୍ୟ ସୁରାଃ ନିସାରେ ବର୍ଣ୍ଣିତ ରହିଛି । ଅତଏବ ଉକ୍ତ ସମସ୍ୟା ସମ୍ପର୍କରେ ସାଆଦ୍ ବିନ୍ ରବି ର:ଅଙ୍କ ଭାଇକୁ ଡ଼କାଗଲା ଏବଂ ତାଙ୍କୁ ପଚାରାଗଲା ଯେ, ସାଆଦ୍ ବିନ୍ ର:ଅଙ୍କ ପୈତୃକ ସମ୍ପତିର ଦୁଇ ତୃତୀୟାଂସ ତାଙ୍କ ପୁତ୍ରୀମାନଙ୍କର ଅଟେ ଏବଂ ଅଷ୍ଟମାଂସ ନିଜ ଭାଉଜକୁ ଅର୍ଥାତ ସାଆଦ୍ ର:ଅଙ୍କ ବିଧବା ପତ୍ନୀଙ୍କୁ ହସ୍ତାନ୍ତର କରିଦିଅ ଏଥିଅନ୍ତେ ଯାହା ବଳିପଡ଼ିବ ତାହା ତୁମର । ସେହି ସମୟରୁ ହିଁ ପୈତୃକ ସମ୍ପତିରେ ନୂତନ ଆଦେଶ ଲାଗୁ ହୋଇଯାଇଥିଲା ସେଥି ଅନୁଯାୟୀ ସ୍ତ୍ରୀ ନିଜ ସନ୍ତାନବତ୍ସଳ ସ୍ୱାମୀଙ୍କ ସମ୍ପତିର ଅଷ୍ଟମାଂସ ଓ ନିଃସନ୍ତାନ ସ୍ୱାମୀର ସମ୍ପତିରୁ ଚତୁର୍ଥାଂଶ ଏବଂ ପୁତ୍ରୀମାନେ ନିଜ ପିତାଙ୍କ ସମ୍ପତିରେ ନିଜ ଭାଇଙ୍କ ତୁଳନାରେ ଅର୍ଦ୍ଧାଂଶ ଏବଂ ଯଦି ଭାଇ ନଥାନ୍ତି ତେବେ ପରିସ୍ଥିତି ଅନୁକୂଳ ଦୁଇ ତୃତୀୟାଂଶ କିମ୍ବା ଅର୍ଦ୍ଧାଂଶ କିମ୍ବା ତିନି ତୃତୀୟାଂଶ କିମ୍ବା ଦୁଇ ତୃତୀୟାଂଶ ଏବା ମାତା ନିଜ ପୁତ୍ରଙ୍କ ସମ୍ପତି ଶଷ୍ଟାଂଶ ଏବଂ ଅପୁତ୍ରୀକ ବା ନିଃସନ୍ତାନ ପୁତ୍ରର ସମ୍ପତିରୁ ତୃତୀୟାଂଶ ସମ୍ପତି ଅଧିକାର ପାଇବାର ବିବେଚିତ ହେବ । ସେହିପରି ଅନ୍ୟ ଉତରାଧିକାରୀ ମାନଙ୍କର ଅଂଶ ସ୍ଥିର ହୋଇଥିଲା ଏବଂ ନାରୀର ସେହି ସ୍ୱଭାବିକ ଅଧିକାର ଯାହାକି ତାହାଠାରୁ ଛିନ୍ନ କରିନିଆଯାଇଥିଲା । ତାହାକୁ ଫେରାଇ ଦିଆଯାଇଥିଲା ।

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଏକ ନୋଟ ଉଲ୍ଲେଖ କରିଛନ୍ତି । ଯେଉଁ ଆଲ୍ଲେଖ୍ୟରେ ସେ ଆଗକୁ ରଚନା କରିଛନ୍ତି ଯେ, ମୁଁ ଉକ୍ତ ଅବସରରେ ଏହା କହିବାକୁ ଉଚିତ ମଣିବି ଯେ, ହଜୁର ସ:ଆ:ସଙ୍କ ର ଶିକ୍ଷାର ବୈଭ୍ୟବତାର ଏକ ବିଶେଷତା ଏହି କି ଯେ, ହଜୁର ନାରୀ ଜାତିର ସମସ୍ତ ନୈତିକ ତଥା ଉଚିତ ଅଧିକାରକୁ ପୂର୍ଣ୍ଣରୂପେ ସୁରକ୍ଷା ପ୍ରଦାନ କରିଥିଲେ ବରଂ ପ୍ରକୃତ କଥାଟି ହେଉଛି ଯେ, ବିଶ୍ୱ ଐତିହାସରେ ହଜୁର ସ:ଆ:ସଙ୍କ ପୂର୍ବରୁ କିମ୍ବା ତାଙ୍କ ପରେ କୌଣସି ଏଭଳି ବ୍ୟକ୍ତି ନାହିଁ ଯିଏ ମହିଳାମାନଙ୍କ ଅଧିକାରକୁ ଏଭଳି ଭାବରେ ସୁରକ୍ଷା ପ୍ରଦାନ କରିଥିବେ । ଯେଉଁଭଳି ହଜୁର ସ:ଆ:ସ ପ୍ରଦାନ କରିଛନ୍ତି ସୁତରାଂ ପୈତୃକ ସମ୍ପତିରେ ବିବାହା ଅନୁଷ୍ଠାନରେ ଦମ୍ପତିଙ୍କ ପାରସ୍ପରିକ ସମ୍ପର୍କରେ ତଲାକ୍ ଅର୍ଥାତ ବିବାହ ବିଚ୍ଛେଦରେ ନିଜର ବ୍ୟକ୍ତିଗତ ସମ୍ପତି ସୃଷ୍ଟି କରିବାରେ ଓ ସମ୍ପତିର ବ୍ୟବହାର କରିବା କ୍ଷେତ୍ରରେ ଶିକ୍ଷା ଅଧିକାରରେ ସନ୍ତାନମାନଙ୍କ ପିତୃତ୍ୱ ଓ ସଂସ୍କାରର ଅଧିକାରରେ ଜାତୀୟ ତଥା ରାଷ୍ଟ୍ରିୟ ପ୍ରସଙ୍ଗରେ ଭାଗିଦାର ହେବାର ଅଧିକାର ପ୍ରତି ବ୍ୟକ୍ତିର ସ୍ୱାଧିନତା ପ୍ରସଙ୍ଗରେ ଧାର୍ମିକ ଅଧିକାର ଏବଂ ଦାୟିତ୍ୱରେ ହଜୁର ସ:ଆ:ସ ଯେଉଁ ନ୍ୟାୟ ବିଚାର କରିଛନ୍ତି ତାହା ଅନ୍ୟ କେହି କରିନାହାନ୍ତି ମୋଟ ଉପରେ କହିବାକୁ ଗଲେ ଧାର୍ମିକ ଓ ସାଂସାରିକ ପ୍ରତ୍ୟେକ କ୍ଷେତ୍ରରେ ନାରୀ ପାଦ ରଖିପାରିବ ଓ ନିଜର ସମ୍ମାନ ରକ୍ଷା କରିପାରିବ । ଆଁ ହଜ୍‌ରତ୍ ସ:ଆ:ସ ସେହି ସମସ୍ତ ବାଧ୍ୟତାମୁଳକ ଅଧିକାରକୁ ସ୍ୱୀକାର କରିଛନ୍ତି ଏବଂ ନାରୀର ଅଧିକାର ସୁରକ୍ଷାକୁ ନିଜ ସମ୍ପ୍ରଦାୟ ନିମନ୍ତେ ଏକ ପବିତ୍ର ଓ ବିଧେୟ ସନ୍ତକରୂପେ ବିବେଚିତ କରିଛନ୍ତି । ଏହା ହିଁ ସେହି କାରଣ ଯାହା ବଳେ ଆରବର ମହିଳାମାନେ ହଜୁର ସ:ଆ:ସଙ୍କର ଆବିର୍ଭାବକୁ ନିଜ ନିମନ୍ତେ ମୁକ୍ତି ତଥା ମୋକ୍ଷର ଏକ ବାର୍ତା ବୋଲି ମନେ କରନ୍ତି ।

ପୁନଶ୍ଚ ହଜ୍‌ରତ୍ ମିର୍ଜା ବଶୀର୍ ଅହେମଦ୍ ସାହେବ୍ ଉଲ୍ଲେଖ କରନ୍ତି ଯେ, ମତେ ନିଜର ପଥରୁ ଓହୋରିବାକୁ ପଡୁଛି ଅର୍ଥାତ ମୁଁ ଯାହା ଆଲୋଚନା କରୁଅଛି ତହିଁରୁ ମୁଁ ପ୍ରସଙ୍ଗଚ୍ୟୁତ ହେଉଛି । ମୁଁ ଚାହୁଁଥିଲି ଯେ ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିବି କିନ୍ତୁ ଆଜରି ବିଷୟ ବସ୍ତୁ ତାହା ନୂହେଁ ଅନ୍ୟଥା ମୁଁ କହିଥାନ୍ତି ଯେ, ମହିଳାମାନଙ୍କ ବିଷୟରେ ହଜୂର ସ:ଆ:ସଙ୍କର ପ୍ରକୃତ ଶିକ୍ଷା ସେହି ସର୍ବୋଚ୍ଚ ସ୍ଥାନରେ ବଳବତର ରହିଛି ଯାହା ପର୍ଯ୍ୟନ୍ତ ପୃଥିବୀର କୌଣସି ଧର୍ମ ଓ କୌଣସି ସଭ୍ୟତା ପହଂଚିନାହିଁ ଏବଂ ନିଃସନ୍ଦେହରେ ଆଁ ହଜରତ ସ:ଆ:ସଙ୍କ ପ୍ରୀୟ ବଚନ ଏକ ଜ୍ଞାନ ବର୍ଦ୍ଧକ ଓ ଗହ୍ୱର ସତ୍ୟତା ଉପରେ ଆଧାରିତ କି **ହୁଦ୍‌ବିବା ଇଲୈୟା ମିନ୍ ଓ୍ୱ ଦୁନିୟାକୁମ୍ ନିସାଉ ଓ୍ୱତ୍ ତୟିବୁ ଓ୍ୱ ଜୁଇଲତ୍ କୁର୍‌ରତୁ ଐନି ଫି ସଲାତ୍** ଅର୍ଥାତ ସଂସାରର ବସ୍ତୁ ମଧ୍ୟରୁ ମୋର ସ୍ୱଭାବକୁ ଯେଉଁ ଜିନିଷ ବା ବସ୍ତୁରେ ପ୍ରେମର ସ୍ୱଭାବମୁଳକ ପରିବର୍ତନ ଦିଆଯାଇଛି ତାହା ଯଥାକ୍ରମେ-ନାରୀ ଓ ସୁଗନ୍ଧ । କିନ୍ତୁ ମୋ ଚକ୍ଷୁର ପ୍ରକୃତ ଶୀତଳତା ନମାଜ ଅଟେ । ଅର୍ଥାତ ଅଲ୍ଲାଃ ତାଲାଙ୍କ ଉପାସନାରେ ହିଁ ମୋର ଆତ୍ମତୃପ୍ତି ।

***(ସିରତ ଖାତ୍‌ମୁନ୍ ନବିୟିନ୍, ପୃ-୫୦୭-୫୦୯)***

ଆଜିର ଯୁଗ ନାରୀର ଅଧିକାର ସମ୍ପର୍କରେ ସ୍ୱରଉତଳନ କରୁଛି ଏବଂ କେତେକ ଉପରଠଉରିଆ କଥାକୁ ଏକତ୍ରିତ କରି ଯାହାର ସ୍ୱାଧୀନତା ସହିତ କୌଣସି ସମ୍ପର୍କ ନାହିଁ । ବରଂ ଇସ୍‌ଲାମ୍ ଯେଉଁ କଟକଣା ଲାଗୁ କରିଛି ତାହା ମଧ୍ୟ ନାରୀର ସମ୍ମାନ ପ୍ରତିଷ୍ଠା କରିବାପାଇଁ ତଥା ଗୃହକୁ ଶାନ୍ତି ଓ ଆଗାମି ବଂଶଧରଙ୍କ ସଂସ୍କାର ପାଇଁ ଧାର୍ଯ୍ୟ କରିଛି । ସାମ୍ପ୍ରତିକ ଯୁଗରେ ଲୋକମାନେ ଏହା ଉପରେ ଆପତି କରୁଛନ୍ତି ଏବଂ ଇସ୍‌ଲାମ୍ ଉପରେ ଆପତି କରୁଛନ୍ତି କିନ୍ତୁ ବାସ୍ତବରେ ଏହା ନାରୀର ସ୍ୱାଧୀନତା ଓ ଅଧିକାର ପ୍ରଦାନ କରିବାରେ ପ୍ରକୃତ ଶିକ୍ଷା ଯାହାକି ଇସ୍‌ଲାମ୍ ଉପସ୍ଥାପନ କରୁଅଛି । ଅଲ୍ଲାଃ କରନ୍ତୁ କି ସଂସାର ଏହି ବାସ୍ତବତାକୁ ହୃଦୟଙ୍ଗମ କରି ତ୍ରୁଟି ଓ ଉପଦ୍ରବଗୁଡ଼ିକଠାରୁ ସୁରକ୍ଷିତ ରହୁ ଏବଂ ଆମ ମହିଳମାନେ ମଧ୍ୟ ହୃଦୟଙ୍ଗମ କରନ୍ତୁ । ବେଳେ ବେଳେ ଆମର ମହିଳାମାନେ ସଂସାର ପଛରେ ଚାଲିବାକୁ ଆରମ୍ଭ କରିଦେଇଥାନ୍ତି ଓ ଦୁନିଆର ସ୍ୱାଧୀନତା ଏହା ହିଁ ଲୋଡୁଥିବାର ପ୍ରମାଣ ଦେଇଥାନ୍ତି । ତେଣୁ ସେମାନେ ଉକ୍ତ ବାସ୍ତବତାକୁ ହୃଦୟଙ୍ଗ କରିବା ଉଚିତ ଓ ଇସ୍‌ଲାମ୍ ନାରୀମାନଙ୍କୁ ଯେଉଁ ଅଧିକାର ପ୍ରଦାନ କରିଛି ତାହାକୁ ହୃଦୟଙ୍ଗମ କରିବା ଉଚିତ । କାରଣ ଇସ୍‌ଲାମ୍ ବ୍ୟତିତ ନାରୀମାନଙ୍କୁ ଏହିପରି ଅଧିକାର ଓ ସ୍ୱାଧୀନତା ନା କୌଣସି ଧର୍ମ ପ୍ରଦାନ କରିଛି ନା ହିଁ ନାମକୁ ମାତ୍ର ନାରୀମାନଙ୍କ ଅଧିକାର ପ୍ରତି ଉଜ୍ଜଳ ଚିନ୍ତାଧାରା ରଖୁଥିବା ଅନୁଷ୍ଠାନ ଗୁଡ଼ିକ ଏଭଳି ସ୍ୱାଧୀନତା ପ୍ରଦାନ କରିଛି ବା ବିପ୍ଳବ ଆଣିଛି । ଅଲ୍ଲାଃ ତାଲା ପୁରୁଷମାନଙ୍କୁ ମଧ୍ୟ ନାରୀମାନଙ୍କର କର୍ତବ୍ୟ ସମ୍ପାଦନ ପ୍ରତି ଇସ୍‌ଲାମୀୟ ଶିକ୍ଷା ଅନୁଯାୟୀ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯେପରି ଆମର ଏହି ସମାଜ ଶାନ୍ତିପୂର୍ଣ୍ଣ ପାଲଟି ଯାଉ ।

ଏହାପରେ ମୁଁ ସଂକ୍ଷିପ୍ତ ଭାବରେ ସାମ୍ପ୍ରତିକ ପରିସ୍ଥିତି ପାଇଁ ମଧ୍ୟ ଦୁଆ କରାଇବାପାଇଁ କହିବାକୁ ଚାହିଁ କି ଯେଉଁଠି ଅଲ୍ଲାଃ ତାଲା ଏହି ସଂକ୍ରାମକ ଜନିତ କରୋନା ରୋଗରୁ ପୃଥିବୀକୁ ପବିତ୍ର କରନ୍ତୁ ସେଠାରେ ମନୁଷ୍ୟକୁ ମଧ୍ୟ ଏହି ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଯେ, ମନୁଷ୍ୟର ସ୍ଥାୟିତ୍ୱ ଅଲ୍ଲାଃ ତାଲାଙ୍କ ଆଗରେ ନତମସ୍ତକ ହେବାରେ ଏବଂ ପରସ୍ପରର ଅଧିକାର ସମ୍ପାଦନ ଉପରେ ନିର୍ଭରଶୀଳ । ନିଜର ବଳିଦାନ ଦେଇ ସଂସାରରୁ ଉପଦ୍ରବ ତଥା କଳହକୁ ସମାପ୍ତ କରିବାରେ ହିଁ ମନୁଷ୍ୟର ସ୍ଥାୟିତ୍ୱ ରହିଛି ଏବଂ ଏଥିରେ ହିଁ ଅର୍ନ୍ତନିହିତ । ଅଲ୍ଲାଃ ତାଲା ସରକାରଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ସେମାନେ ନ୍ୟାୟ ଉପରେ ଆଧାରିତ ଶାସନ କାର୍ଯ୍ୟ ପରିଚାଳନା କରନ୍ତୁ । ଆମେରିକାରେ

### ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

**ତାଲିବେ ଦୁଆ:** *Hawa Bibi & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Pankal (Odisha)*

ମଧ୍ୟ ଆଜିକାଲି ବିକ୍ଷୋଭକାରୀମାନେ ବିକ୍ଷୋପ ପ୍ରଦର୍ଶନ କରି ଯେଉଁ ଅଶାନ୍ତିର ବାତାବରଣ ସୃଷ୍ଟି କରିଛନ୍ତି ଅଲ୍ଲାଃ ତାଲା ସେହି ପରିବେଶରୁ ବିଶେଷ କରି ପ୍ରତ୍ୟେକ ଅହେମଦୀଙ୍କୁ ଏହାର କୁପ୍ରଭାବରୁ ସୁରକ୍ଷିତ ରଖନ୍ତୁ ସେଠାରେ ନାଗରିକମାନଙ୍କୁ ମଧ୍ୟ ସଠିକ ଉପାୟରେ ନିଜର ଦାବି ଉପସ୍ଥାପନ କରିବାପାଇଁ ଓ ନିଜ ଅଧିକାର ନେବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦି ଆଫ୍ରିକୀୟ ଓ ଆମେରିକୀୟମାନେ ଭଙ୍ଗାରୁଜା କରି ନିଜଘରଗୁଡ଼ିକୁ ଅଗ୍ନିସଂଯୋଗ କରନ୍ତି ତେବେ ଏହାର କ୍ଷତି କେବଳ ରାଷ୍ଟ୍ରକୁ ହେବନାହିଁ ବରଂ ସେମାନଙ୍କର ନିଜସ୍ୱ କ୍ଷତି ମଧ୍ୟ ଘଟିବ । ଉକ୍ତ ଘଟଣା ସମ୍ପର୍କରେ ତ ଆଫ୍ରିକୀୟ ରାଜନେତାମାନେ ମଧ୍ୟ କହିଛନ୍ତି କି ନିଜ ଘରକୁ ଅଗ୍ନିସଂଯୋଗ କରନ୍ତୁ ନାହିଁ କି ଭଙ୍ଗାରୁଜା କରନ୍ତୁ ନାହିଁ ହଁ ନିଜ ଅଧିକାରକୁ ନେବାକୁ ହେଲେ ଉଚିତ ମାଧମ ଅର୍ଥାତ ଉଚିତ ପଥ ଶାନ୍ତିପୂର୍ଣ୍ଣ ଭାବରେ ନିଜର ଅଧିକାର ନେବାକୁ ଚେଷ୍ଟା କରନ୍ତୁ । ଯେଉଁପର୍ଯ୍ୟନ୍ତ ରାଷ୍ଟ୍ର ବିକ୍ଷୋଭ କରିବାର ଅନୁମତି ଦେଇଛି ସେହି ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରନ୍ତୁ କିନ୍ତୁ ନିଜର ସମ୍ପତିଗୁଡ଼ିକୁ କ୍ଷତି ପହଂଚାଇବାରେ କୌଣସି ଲାଭ ହେବାନାହିଁ ଓଲଟା କ୍ଷତି ଘଟିବ । ଏଣୁ ଏ ଦିଗରେ ବିକ୍ଷୋଭକାରୀମାନଙ୍କୁ ମଧ୍ୟ ଚିନ୍ତା କରିବା ଉଚିତ ଯେ ସେ ଯାହା ହେଉନା କାହିଁକି ଦେଶର ଆଇନକୁ ମଧ୍ୟ ବୁଝିବା ଉଚିତ । ଏହି ସବୁ ଉପଦ୍ରବ ଯାହାର ତନାଜିର୍ ଅର୍ଥାତ ପ୍ରକାଶ୍ୟରେ ବଳପ୍ରୟୋଗ କରି କୌଣସି ସମସ୍ୟାର ସମାଧାନ ହୋଇନଥାଏ ଏବଂ ନାହିଁ ବଳ ପ୍ରୟୋଗ ଦ୍ୱାରା କୌଣସି ସମାଧାନର ବାଟ ଉନ୍ମୁକ୍ତ ହେବ ବରଂ ନ୍ୟାୟପ୍ରୀୟ ହୋଇ ସମସ୍ତ ନାଗରୀକ ମାନଙ୍କର ଅଧିକାର ସମ୍ପାଦନ କରିବା ସଙ୍ଗେ ସଙ୍ଗେ ପ୍ରଶାସନିକ ସେବାକାର୍ଯ୍ୟକ୍ଷମ ହୋଇଥାଏ ଦେଶରେ ଶାନ୍ତି ଓ ସଦ୍‌ଭାବନା ଫେରି ଆସିଥାଏ ନ ହେଲେ ଏହା ବିନା ଅନ୍ୟ ଗତି ନାହିଁ । ଯେତେ ଶକ୍ତିଶାଳୀ ରାଷ୍ଟ୍ର ହେଉ ନା କାହିଁକି ଯଦି ଜନସାଧାରଣଙ୍କ ମଧ୍ୟରେ ଅଶାନ୍ତି ରହିଛି ତେବେ କୌଣସି ଦେଶ ଗଣତାନ୍ତ୍ର ସମ୍ମୁଖରେ ତିଷ୍ଠି ରହିପାରିବ ନାହିଁ । ସେ ଯାହା ହେଉ ନା କାହିଁକି ଯେଉଁଠି ଉପଦ୍ରବ ରହିଛି ସେହି ସମସ୍ତ ସ୍ଥାନକୁ ଅଲ୍ଲାଃ ତାଲା ଉପଦ୍ରବକାରୀଙ୍କଠାରୁ ନିବୃତ ରଖନ୍ତୁ ଏବଂ ସରକାର ଜନସାଧାରଣଙ୍କର ଅଧିକାର ସମ୍ପାଦନ କରନ୍ତୁ ଏବଂ ଜନସାଧାରଣ ନିଜ ଉଚିତ ଅଧିକାର ପାଇଁ ଉଚିତ ସୀମା ପର୍ଯ୍ୟନ୍ତ ପ୍ରଶାସନ ଉପରେ ଚାପ ପକାନ୍ତୁ ।

ସେହିପରି ପାକିସ୍ତାନର ସରକାରଙ୍କୁ ମଧ୍ୟ ଚିନ୍ତା କରିବା ଉଚିତ ଯେ କେବଳ ମୌଲବିମାନଙ୍କ ଭୟରେ ଅହେମଦୀମାନଙ୍କ ଉପରେ ଆଜିକାଲି ଯେଉଁ ବର୍ବର ଅତ୍ୟାଚାର ତଥା ନିର୍ଯ୍ୟାତନାମୂଳକ କାର୍ଯ୍ୟକାରୀ ଅଭ୍ୟାହତ ରହିଛି ସେଥିରୁ ସେମାନେ ନିଜକୁ ନିବୃତ ରଖନ୍ତୁ ବରଂ ନ୍ୟାୟପ୍ରୀୟ ହୋଇ ସରକାର ଚଳାନ୍ତୁ ଏବଂ ନିଜର ଇତିହାସରୁ ଶିକ୍ଷା ନିଅନ୍ତୁ ଯେ ପୂର୍ବେ କଣ ଘଟିଥିଲା ଏବଂ ଅଲ୍ଲାଃଙ୍କର ତାଙ୍କ ସହ କିଭଳି ଆଚରଣ ରହିଥିଲା ଏଥିଯୋଗୁଁ ଅହେମଦୀୟତ ପ୍ରସଙ୍ଗଙ୍କୁ କେନ୍ଦ୍ର କରି କିମ୍ବା ଅହେମଦୀୟତକୁ ଇସ୍ୟୁ କରି ଅନ୍ୟାୟ କରିବା ଦ୍ୱାରା କୌଣସି ପୂର୍ବ ସରକାର ତିଷ୍ଠି ନାହିଁ ନା ଆଗାମୀ ସରକାର ତିଷ୍ଠି ରହିପାରିବ । ତେଣୁ ଉକ୍ତ ଚିନ୍ତାଧାରାକୁ ପରିତ୍ୟାଗ କରିବା ଓ ବର୍ଜନ କରିବା ଉଚିତ । ହଁ ସେହି ଅତ୍ୟାଚାର ଫଳରେ ଦୁନିଆରେ ପୂର୍ବାପେକ୍ଷା ଅଧିକ ଅହେମଦୀୟତର ଉନ୍ନତି ଘଟିଛି ଏବଂ ଘଟି ଚାଲିଥିବ ଇନ୍‌ଶାଅଲ୍ଲାଃତାଲା ଏହା ତ ଅଲ୍ଲାଃଙ୍କ କାର୍ଯ୍ୟ ଅଟେ ଏବଂ ତାହାକୁ କେହି ଅଟକାଇ ପାରିବେ ନାହିଁ ବା ଅବରୋଧ କରିପାରିବେ ନାହିଁ । ସେ ଯାହା ହେଉ ନା କାହିଁକି ଆମର ଦୁଆ ଏହିକି ଯେ ଅଲ୍ଲାଃ ତାଲା ପ୍ରତ୍ୟେକ ସ୍ଥାନରେ ଅନ୍ୟାୟ, ଅତ୍ୟାଚାର ତଥା ଉପଦ୍ରବକୁ ଦୂର କରନ୍ତୁ ଏବଂ ଆଜିକାଲି ଏହି ଯେଉଁ ସଂକ୍ରାମକ ରୋଗ ବ୍ୟାପି ରହିଛି ତହିଁରୁ ମନୁଷ୍ୟ ଶିକ୍ଷା ନେଇ ନିଜ ଅବସ୍ଥାରେ ପରିବର୍ତନ ଆଣୁ ଏବଂ ଆମେମାନେ ପୂର୍ବାପେକ୍ଷା ଅଧିକ ଅଲ୍ଲାଃଙ୍କ ନିକଟରେ ଅଲ୍ଲାଃଙ୍କର ଉପାସନାର କର୍ତବ୍ୟ ସମ୍ପାଦନ ଓ ତାହାଙ୍କ ଭକ୍ତଙ୍କ କର୍ତବ୍ୟ ସମ୍ପାଦନ କରିବାକୁ ସାମର୍ଥ୍ୟ ଲାଭ କରୁ । ଅଲ୍ଲାଃ ଏହିପରି କରନ୍ତୁ କାରଣ ଆମେମାନେ ଅଧିକରୁ ଅଧିକ ଅଲ୍ଲାଃଙ୍କର ପ୍ରେମ ପ୍ରାପ୍ତକାରୀ ରୂପେ ବିବେଚିତ ହୋଇ ଉକ୍ତ ଉନ୍ନତିକୁ ଯଥା ଶିଘ୍ର ପୂର୍ଣ୍ଣ ହେଉଥିବାର ପ୍ରେମ ଅବଲୋକନ କରିପାରିବା । ଅଲ୍ଲାଃ ତାଲା ଆମକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ<br>*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)* |
|---|---|

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''<br>*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)* |
|---|---|

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*


**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)


*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଯେଉଁଠାରେ ପ୍ରୋଗ୍ରାମ ମୁତାବକ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ଆଜି ସଂଧ୍ୟାର ଏହି ସେଶନ୍‌ରେ ୧୬ ଟି ଫ୍ୟାମିଲିର ୬୦ ଜଣ ସଦସ୍ୟ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ ଏବଂ ଏତଦ୍‌ବ୍ୟତିତ ସାତଜଣ ସଦସ୍ୟ ବ୍ୟକ୍ତିଗତଭାବେ ମଧ୍ୟ ସାକ୍ଷାତ କଲେ । ଜର୍ମାନୀର କେତେକ ଯମାତ୍ ବ୍ୟତିତ ଏହି ସାକ୍ଷାତକାରରେ ଯୋଗ ଦେଇଥିବା ଲୋକମାନଙ୍କର ସମ୍ବନ୍ଧ ପାକିସ୍ତାନ, ବେନିନ୍, ଘାନା, ସିରିଆଲିଓନ୍, ତାନ୍‌ଜାନିଆ, ଆୟରଲ୍ୟାଣ୍ଡ, ଗାମ୍ବିୟା, ରିୟୁନିଅନ୍ ଆଇଲ୍ୟାଣ୍ଡ, ମାଲେସିୟା, ସାଓତୁମେ ଏବଂ ମୋରିସିୟସ୍ ଦେଶ ସହିତ ଥିଲା ।

ସାକ୍ଷାତକାରର ଏହି ପ୍ରୋଗ୍ରାମ ୯:୩୦ ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଠିକ୍ ୧୦ଟା ସମୟରେ ହଜୁର ଅନଓ୍ୱର ଅ:ବ:ଅ ନମାଜ ମଗ୍‌ରିବ୍ ଏବଂ ଇସା ଜମାକରି ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଅନୁମତି କ୍ରମେ ମୁକରମ୍ ସଦାକତ୍ ଅହେମଦ୍ ସାହେବ୍ ମୁବ୍‌ଲିଗ୍ ଇନ୍‌ଚାର୍ଜ ଜର୍ମାନୀ ୧୦ ଗୋଟି ନିକାହ୍‌ର ଘୋଷଣା କଲେ ।

ହଜୁର ଅନଓ୍ୱର ଅ:ବ:ଅ ଏହି ନିକାହ୍ ପାଠ କରାଯାଉଥିବା ସମୟରେ ବହୁତ ସ୍ନେହର ସହିତ ସେଠାରେ ବସି ରହିଲେ ଓ ଶେଷରେ ଦୁଆ କରାଇଲେ ତା'ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**୯ ଜୁଲାଇ ୨୦୧୯ (ମଙ୍ଗଳବାର)**

ହଜୁର ଅନଓ୍ୱର ଅ:ବ:ଅ ଭୋର ୪ଟା ୧୫ ମିନିଟରେ ଫଜର୍ ନମାଜ ପଢ଼ାଇଲେ, ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଫ୍ରାଙ୍କଫର୍ଟରୁ ଲଣ୍ଡନ ନିମନ୍ତେ ଯାତ୍ରା**

ଆଜି ପ୍ରୋଗ୍ରାମ ମୁତାବକ ଫ୍ରାଙ୍କଫର୍ଟ (ଜର୍ମାନୀ)ରୁ ଲଣ୍ଡନ (ବ୍ରିଟେନ୍) ଯିବାର ବ୍ୟବସ୍ଥା ଥିଲା, ତେଣୁ ଫ୍ରାଙ୍କଫର୍ଟ ରିଜିଓନ୍ ଓ ଆଖପାଖର ଯମାତ୍‌ଗୁଡ଼ିକରୁ ଯମାତ୍‌ର ସଦସ୍ୟମାନେ ପୁରୁଷ, ମହିଳା, ପିଲା, ବୁଢ଼ା ଇତ୍ୟାଦି ବହୁସଂଖ୍ୟାରେ ଲୋକମାନେ ନିଜ ପ୍ରୀୟ ଆକାଙ୍କୁ ବିଦାୟ ଦେବାପାଇଁ ସକାଳୁ ହିଁ ବଇତୁଲ୍ ସବୁହ୍‌ର ପ୍ରାଙ୍ଗଣରେ ଏକତ୍ରିତ ହେବା ଆରମ୍ଭ କରିଦେଇଥିଲେ । କିଛି ପ୍ରତିନିଧିମାନେ ବହୁତ ଦୂରଦୂରାନ୍ତ ଯମାତ୍‌ରୁ ମଧ୍ୟ ନିଜ ପ୍ରୀୟ ଆକାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ ଆସି ପହଂଚିଥିଲେ । ବିଭିନ୍ନ ଦେଶରୁ ଆସିଥିବା ପ୍ରତିନିଧିମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ ।

ହଜୁର ଅନଓ୍ୱର ଅ:ବ:ଅ ସକାଳ ୧୦:୧୦ ମିନିଟରେ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ, ଛୋଟଛୋଟ ପିଲାମାନେ ଦଳ ଦଳ ହୋଇ ବିଦାୟ ସମ୍ବର୍ଦ୍ଧନା ମୁଳକ ନଜମ୍ ପାଠ କରୁଥିଲେ, ଯମାତ୍‌ର ସଦସ୍ୟମାନେ ଦୁଇଟି ଧାଡ଼ିରେ ଲାଇନ୍ ବାନ୍ଧି ଛିଡ଼ା ହୋଇଥିଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଯମାତ୍‌ର ସଦସ୍ୟମାନଙ୍କ ଗହଣରେ ପାଖାପାଖି ୨୦ ମିନିଟ ପର୍ଯ୍ୟନ୍ତ ସମୟ ବିତାଇଲେ । ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରୀୟ ଆକାଙ୍କୁ ଦର୍ଶନ କରୁଥିଲା ଏହି ସମୟରେ ହଜୁର ଅନଓ୍ୱର ଅ:ବ:ଅ ବିଭିନ୍ନ ଲୋକମାନଙ୍କ ସହିତ ବାର୍ତାଳାପ କରୁଥିଲେ ।

ଠିକ୍ ୧୦:୩୦ ରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ଏବଂ ସମସ୍ତଙ୍କୁ ଅସ୍‌ସଲାମୁ ଆଲୈକୁମ୍ କହିଲେ, ତା'ପରେ କାଫିଲା ଯାତ୍ରା ଆରମ୍ଭ କଲା । ଦୁଇକଡ଼ରେ ଛିଡ଼ା ହୋଇଥିବା ଯମାତ୍‌ର ପୁରୁଷ ଓ ମହିଳାମାନେ ଅନବରତ ନିଜର ହାତକୁ ଉପରକୁ ଉଠାଇ ନିଜ ପ୍ରୀୟ ଆକାଙ୍କୁ ବିଦାୟ ଜଣାଉଥିଲେ ।

ଫ୍ରାଙ୍କଫର୍ଟ(ଜର୍ମାନୀ)ରୁ ଲଣ୍ଡନ ଯିବା ସମୟରେ ରାସ୍ତାରେ ହିଁ ବେଲ୍‌ଜିୟମ୍ ଦେଶର ମିଶନ୍ ହାଉସ୍ ବଇତୁସ୍ ସଲାମ୍

(ବ୍ରେସିଲ୍ସ) ରେ ରହିବାର ପ୍ରୋଗ୍ରାମ ଥିଲା । ଫ୍ରାଙ୍କଫର୍ଟଠାରୁ ବ୍ରେସିଲ୍ସ ପର୍ଯ୍ୟନ୍ତ ଦୂରତା ହେଉଛି ପାଖାପାଖି ୪୦୦ କିମି । ଫ୍ରାଙ୍କଫର୍ଟରୁ ବ୍ରେସିଲ୍ସ ଯିବା ସମୟରେ ଜର୍ମାନୀର ଆଖନ୍ ସହର ପରେ ବେଲ୍‌ଜିୟମ୍ ଦେଶର ସୀମା ଆରମ୍ଭ ହୋଇଥାଏ । ଏଠାରେ ବର୍ଡ଼ର ଆଗକୁ ବ୍ରେସିଲ୍ସରେ ପ୍ରବେଶ କରିବା ପୂର୍ବରୁ ଅଳ୍ପ କିଛି ଦୂରତାରେ ହିଁ ବେଲ୍‌ଜିୟମ୍ ଯମାତ୍‌ର ଭାରପ୍ରାପ୍ତ ଅମୀର ସାହେବ୍, ମୋକରମ୍ ଅନ୍‌ୱର ହୁସୈନ୍ ସାହେବ୍, ମୋକରମ୍ ଅସଦ୍ ମୁଜିବ୍ ସାହେବ୍, ମୁବ୍ଲିଗ୍ ସିଲ୍‌ସିଲା, ଜେନେରାଲ ସେକ୍ରେଟାରୀ, ମୁକରମ୍ ତୌସିଫ୍ ଅହେମଦ୍ ସାହେବ୍ ମୁବ୍ଲିଗ୍ ସିଲ୍‌ସିଲା, ଏବଂ ସଦର ଖୁଦାମୁଲ ଅହେମଦୀୟା ବେଲ୍‌ଜିୟମ୍ ଏବଂ ଖୁଦାମ୍‌ର ସିକ୍ୟୁରିଟି ଟିମ୍ ଉପରେ ପରିବେଷ୍ଟିତ ଏକ ପ୍ରତିନିଧିମଣ୍ଡଳ ହଜୁର ଅନ୍‌ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବାପାଇଁ ଉପସ୍ଥିତ ଥିଲେ । ଏଠାରେ ନ ରହି ଯାତ୍ରା ଜାରି ରହିଲା ଏବଂ ବେଲ୍‌ଜିୟମ୍‌ରୁ ଆସିଥିବା ଗାଡ଼ି ଗୁଡ଼ିକ କାଫିଲାକୁ ଲିଡ୍ କରୁଥିଲେ ।

ହଜୁର ଅନ୍‌ୱର ଅ:ବ:ଅ ପଦାର୍ପଣ ଠିକ୍ ୨:୩୦ ମିନିଟରେ ଅହେମଦୀୟା ମିଶନ୍ ହାଉସ୍ ବଇତୁସ୍ ସଲାମ୍ (ବ୍ରେସିଲ୍ସ) ଠାରେ ହେଲା । ସ୍ଥାନୀୟ ଯମାତ୍‌ର ପୁରୁଷ ଓ ମହିଳାମାନେ ସେହିପରି ନ୍ୟାସନାଲ ଆମେଲାର ସଦସ୍ୟମାନେ ନିଜ ପ୍ରୀୟ ଆକାଙ୍କୁ ଭବ୍ୟସ୍ୱାଗତ ଜଣାଇଲେ । ପ୍ରତ୍ୟେକ ବ୍ୟକ୍ତି ପ୍ରୀୟ ଆକାଙ୍କୁ ଦର୍ଶନ କରି ଆନନ୍ଦରେ ବିଭୋର ହେଉଥିଲା ।

ଅଜିଜମ୍ ଅହେମଦ୍ ଗୁଲ୍‌ଫାମ୍ ହଜୁର ଅନ୍‌ୱର ଅ:ବ:ଅଙ୍କୁ ଫୁଲ ଉପହାର ପ୍ରଦାନ କଲେ । ଯେବେକି ଜଣେ ଆଲ୍‌ବାନିଆନ୍ ଝିଅ ହଜ୍‌ରତ୍ ବେଗମ୍ ସାହିବା ମଦାଜିଲ୍ଲହାଙ୍କୁ ଫୁଲ ଉପହାର ଦେଲେ । ଏହାପରେ ହଜୁର ଅନ୍‌ୱର ଅ:ବ:ଅ ମିଶନ ହାଉସରେ ଥିବା ଆବାସସ୍ଥଳୀକୁ ଚାଲିଗଲେ ।

ହଜୁର ଅନ୍‌ୱର ଅ:ବ:ଅ ଠିକ୍ ୨:୫୫ ମିନିଟରେ ଜୋହର୍ ଏବଂ ଅସର୍ ନମାଜ ଜମାକରି ପଢ଼ାଇଲେ । ପୁଣି ନିଜ ଆବାସସ୍ଥଳୀକୁ ଚାଲିଗଲେ । ପ୍ରୋଗ୍ରାମ ମୁତାବକ ଠିକ୍ ୪ଟା ବେଳେ ହଜୁର ଅନ୍‌ୱର ଅ:ବ:ଅ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ମୋକରମ୍ ଅମୀର ଯମାତ୍ ଅହେମଦୀୟା ଜର୍ମାନୀ ଅବଦୁଲ୍ଲାଃ ୱାଗସ୍ ହାଉଜର୍ ସାହେବ୍, ମୁବଲିଗ୍ ଇନ୍‌ଚାର୍ଜ ଜର୍ମାନୀ ମୋକରମ୍ ସଦାକତ୍ ଅହେମଦ୍ ସାହେବ୍, ନାଏବ ଜେନେରାଲ୍ ସେକ୍ରେଟାରୀ ମୋକରମ୍ ଜରିଉଲ୍ଲାଃ ସାହେବ ମୁବଲିଗ୍ ସିଲ୍‌ସିଲା, ମୋକରମ୍ ଡ଼ାକ୍ତର ଅତ୍‌ହର୍ ଜୁବୈର୍ ସାହେବ୍, ମୋକରମ୍ ଅବଦୁଲ୍ଲାଃ ସପ୍‌ରାଆ ସାହେବ୍ ଏବଂ ମୋକରମ୍ ସଦର୍ ସାହେବ୍ ଖୁଦାମୁଲ୍ ଅହେମଦୀୟା ନିଜ ଖୁଦାମ୍ ର ସିକ୍ୟୁରିଟି ଟିମ୍ ସହିତ ହଜୁର ଅନ୍‌ୱର ଅ:ବ:ଅଙ୍କ ସହିତ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଜର୍ମାନୀରୁ ଏହି ସଦସ୍ୟମାନେ ହଜୁର ଅନ୍‌ୱର ଅ:ବ:ଅଙ୍କୁ ବିଦାୟ ଦେବାପାଇଁ କାଫିଲା ସହିତ ଆସିଥିଲେ । ଏହିପରି ବେଲ୍‌ଜିୟମ୍‌ର ମୁବଲିଗିନ୍ ମୋକରମ୍ ମୁହମ୍ମଦ ମଜହର୍ ସାହେବ୍, ମୋକରମ୍ ଅର୍‌ଶଲାନ୍ ଅହେମଦ୍ ସାହେବ୍, ମୋକରମ୍ ହସିବ୍ ଅହେମଦ୍ ସାହେବ୍, ମୋକରମ୍ ତୌସିଫ୍ ଅହେମଦ୍ ସାହେବ୍ ଏବଂ ମୋକରମ୍ ଅସଦ୍ ମୁଜିବ୍ ସାହେବ୍ ମଧ୍ୟ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହି ଅବସରରେ ସଦର୍ ଖୁଦାମୁଲ୍ ଅହେମଦୀୟା ପାକିସ୍ତାନ ମୋକରମ୍ ସାଲିକ୍ ଅହେମଦ୍ ସାହେବ୍ ହଜୁର ଅନ୍‌ୱର

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଙ୍ଗ,ଙ୍ଗ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।

### ସଦର ଅଞ୍ଜୁମନ ଅହମଦୀୟା କାଦିୟାନ୍ ଅନ୍ତର୍ଗତ ନୂର ହସ୍‌ପିଟାଲ୍‌ର X-Ray ବିଭାଗ ଏବଂ ଦନ୍ତ ବିଭାଗରେ Lady Technician ର ଦୁଇଟି ପଦବୀ ପୂରଣ ହେବାର ଅଛି ।

ନିମ୍ନଲିଖିତ ସର୍ତାବଳୀ ମୁତାବକ ସେବା କରିବାକୁ ଇଚ୍ଛୁକ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି କି:

**ସର୍ତାବଳୀ: Lady Technician for X-Ray Department (Noor Hospital Qadian)**

(୧) ପ୍ରାର୍ଥୀ ରେଜିଷ୍ଟର୍ଡ଼ ଏବଂ ମାନ୍ୟତାପ୍ରାପ୍ତ ବୋର୍ଡ଼ରୁ Diploma in Radiology Technology କରିଥିବେ ଏବଂ Digital Technology and Competency in ECG Technology ରେ ଅତିକମ୍‌ରେ ତିନିବର୍ଷର ଅଭିଜ୍ଞତା ହାସଲ କରିଥିବେ । (୨) ପ୍ରାର୍ଥୀ Good Communication Skill ରେ ନିପୁଣ ହେବା ଜରୁରୀ ।

**ସର୍ତାବଳୀ: Post for Lady Technician for Dental Department (Noor Hospital Qadian)**

(୧) ପ୍ରାର୍ଥୀ ରେଜିଷ୍ଟର୍ଡ଼ ଏବଂ ମାନ୍ୟତାପ୍ରାପ୍ତ ବୋର୍ଡ଼ରୁ Diploma in Dentistry କରିଥିବେ ଓ ଏଥିରେ ଅତିକମ୍‌ରେ ତାଙ୍କର ତିନିବର୍ଷର ଅଭିଜ୍ଞତା ଥିବ । (୨) ପ୍ରାର୍ଥୀ Good Communication ରେ ନିପୁଣ ହେବା ଜରୁରୀ ।

**ଉପରୋକ୍ତ ପଦବୀ ପାଇଁ ସର୍ତାବଳୀ**

(୧) ପ୍ରାର୍ଥୀଙ୍କ ବୟସ ୨୨-୩୭ ବର୍ଷ ମଧ୍ୟରେ ହୋଇଥିବା ଉଚିତ । (୨) ସେହି ପ୍ରାର୍ଥୀଙ୍କୁ Interview ପାଇଁ ଆମନ୍ତ୍ରଣ କରାଯିବ ଯିଏ ମର୍କଜି କମିଟି ଫର୍ ରିକ୍ରୁଟମେଂଟଙ୍କ ତରଫରୁ କରାଯାଇଥିବା ପରୀକ୍ଷାରେ ଉତୀର୍ଣ୍ଣ ହେବେ । (୩) ଲିଖିତ ପରୀକ୍ଷା ଏବଂ Interview ରେ ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିଆନ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା Medical Fitness Certificate ମଧ୍ୟ ଉପସ୍ଥାପନ କରିବାକୁ ହେବ । (୪) Interview ରେ ଯୋଗଦେବା ପାଇଁ ଆସିଥିବା ପ୍ରାର୍ଥୀ କାଦିଆନ୍ ଯାତାୟାତ କରିବାର ଖର୍ଚ୍ଚ ଓ ଡ଼ାକ୍ତରି ଫିସ୍ ଇତ୍ୟାଦି ଖର୍ଚ୍ଚ ନିଜେ ବହନ କରିବେ । (୫) ଚୟନ ହେବା କ୍ଷେତ୍ରରେ କାଦିଆନ୍‌ରେ ରହିବାର ଦାୟିତ୍ୱ ପ୍ରାର୍ଥୀଙ୍କର ନିଜସ୍ୱ ହେବ (୬) ପ୍ରାର୍ଥୀଙ୍କ ପାଇଁ ନିଜାରତ୍ ଦିୱାନ୍‌ଙ୍କ ତରଫରୁ ଜାରି କରାଯାଇଥିବା ଫର୍ମ ସହିତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, Experience Certificate, Birth Certificate, Aadhar Card, Voter ID Card ଏବଂ ଯମାତି ରେଜିଷ୍ଟ୍ରେସନ କାର୍ଡ଼ର Attested ନକଲ ଲଗାଇବା ଜରୁରୀ ଅଟେ । (୭) ସାପ୍ତାହିକ ଖବର କାଗଜ ବଦରରେ ଘୋଷଣା ହେବାର ଦୁଇମାସ ପରେ ପରୀକ୍ଷାର ତାରିଖ ବିଷୟରେ ସୂଚନା ଦିଆଯିବ (୮) ଇଚ୍ଛୁକ ପ୍ରାର୍ଥୀ ନିଜ ନିଜର ଦରଖାସ୍ତ ପ୍ରକାଶିତ ଫର୍ମରେ ନିଜ ଜିଲ୍ଲା ଅମୀର / ସ୍ଥାନୀୟ ଅମୀର / ସଦର / ସଦର୍ ଲଜ୍‌ନା / ମୁବଲ୍ଲିଗ୍ ଇନ୍‌ଚାର୍ଜଙ୍କ ତସ୍‌ଦିକ୍ ଦସ୍ତଖତକୁ ମୋହର ସହିତ ପ୍ରେରଣ କରିପାରିବେ (୯) ପ୍ରାର୍ଥୀ Interview ଦେବାକୁ ଆସିବା ବେଳେ ନିଜର ଅସଲ ସାର୍ଟିଫିକେଟ୍‌ଗୁଡ଼ିକୁ ସାଥିରେ ନିଶ୍ଚିତ ଆଣିବେ (୧୦) ପ୍ରାର୍ଥୀ ୱକ୍‌ଫେ ନୌ ହୋଇଥିବା କ୍ଷେତ୍ରରେ ସଦର୍ ଅଞ୍ଜୁମନ୍ ଅହମଦିୟାର ଯେ କୌଣସି ପଦବୀରେ ଆବେଦନ କରିବା ପୂର୍ବରୁ ସୟଦନା ହଜୁର ଅନ୍‌ୱରଙ୍କଠାରୁ ହାସଲ କରାଯାଇଥିବା ଅନୁମତି ପତ୍ରର ନକଲ ସାମିଲ କରିବା ଜରୁରୀ (୧୧) ଉପରୋକ୍ତ ପଦବୀ ପାଇଁ ବିବରଣୀ ଫର୍ମ ନଜାରତ୍ ଦିୱାନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସମ୍ପୂର୍ଣ୍ଣରୂପେ ପୂରଣ କରାଯିବା ପରେ ନିୟମାନୁସାରେ କାରବାର ହେବ ।

### ସଦର ଅଞ୍ଜୁମନ ଅହମଦୀୟା, ଅଞ୍ଜୁମନ ତହରୀକ୍-ଏ-ଜଦିଦ୍, ଅଞ୍ଜୁମନ ୱକ୍‌ଫ-ଏ-ଜଦିଦ୍ କାଦିଆନ୍‌ର କାର୍ଯ୍ୟାଳୟଗୁଡ଼ିକରେ ମାଳି, କେୟାର ଟେକର, ଚୌକିଦାର, ବାବର୍ଚି, ନାନ୍‌ବାଇ ଏବଂ ଖାଦିମ୍ ମସ୍‌ଜିଦ୍ ନିମନ୍ତେ ଚତୁର୍ଥ ଶ୍ରେଣୀ କର୍ମଚାରୀର ପ୍ରାର୍ଥୀ ଆବଶ୍ୟକ

ଯେଉଁ ପ୍ରାର୍ଥୀମାନେ ଖିଦ୍‌ମତ୍ (ସେବା) କରିବାକୁ ଇଚ୍ଛୁକ ସେମାନେ ନିମ୍ନଲିଖିତ ସର୍ତାବଳୀ ମୁତାବକ ଦରଖାସ୍ତ କରିପାରିବେ । ପ୍ରାର୍ଥୀମାନଙ୍କୁ ଉପରୋକ୍ତ ଯେ କୌଣସି Catagory ରେ କାଦିଆନ୍ ବା କାଦିଆନ୍ ବାହାରେ କେଉଁଠି ମଧ୍ୟ ମୃତୟନ କରାଯାଇପାରେ ।

**ସର୍ତାବଳୀ**

(୧) ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର କୌଣସି ସର୍ତନାହିଁ (୨) ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ କମ୍ ହେବା ଜରୁରୀ (୩) ଜନ୍ମ ପ୍ରମାଣପତ୍ର ଦେବା ଜରୁରୀ (୪) ସେହି ପ୍ରାର୍ଥୀମାନେ ସେବା କରିବାକୁ ସୁଯୋଗ ପାଇବେ ଯେଉଁମାନେ ମର୍କଜି କମିଟିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା କର୍ମଚାରୀ ନିଯୁକ୍ତି Interviewରେ ଉତୀର୍ଣ୍ଣ ହେବେ । (୫) ସେହି ପ୍ରାର୍ଥୀମାନଙ୍କୁ ସେବା କରିବାର ସୁଯୋଗ ମିଳିବ ଯେଉଁମାନେ ନୂର ହସ୍ପିଟାଲ୍ ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ହୋଇଥିବେ (୬) ପ୍ରାର୍ଥୀ କାଦିଆନ୍ ଯିବା ଆସିବାର ଖର୍ଚ୍ଚ ନିଜେ ବହନ କରିବେ (୭) ଯଦି କୌଣସି ପ୍ରାର୍ଥୀଙ୍କର ଚୟନ ହୁଏ ଏହି ପରିପ୍ରେକ୍ଷିରେ ତାଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ (୮) ଇଚ୍ଛୁକ ପ୍ରାର୍ଥୀ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ ଅହମଦିୟା କାଦିଆନ୍‌ଙ୍କ ନିକଟରୁ ହାସଲ କରିପାରିବେ ।

ଏହି ଘୋଷଣାର ଦୁଇମାସ ଭିତରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ ତା'ଉପରେ ଧ୍ୟାନ ଦିଆଯିବ ।

(ନାଜର ଦିୱାନ୍ କାଦିଆନ୍)

**ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ:**

ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ୍ ଅହମଦୀୟା କାଦିଆନ୍

**E-mail: diwan@qadian.in**

**Ph: 01872-501130, (M) 9646351280, 9877138347**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.5 Thursday 09 July 2020 Issue No. 28

MANAGER
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ଜୁଲାଇ ୨୦୧୯)

## ୮ ଜୁଲାଇ ୨୦୧୯ (ସୋମବାର)ର ରିପୋର୍ଟ

## କୋସୋଭୋ ପ୍ରତିନିଧିମଣ୍ଡଳର ହଜୁର ଅନୱର ଅ:ବ:ଅଙ୍କ ସହିତ ସାକ୍ଷାତକାରର ଝଲକାଂଶ

ୱଫଦ୍‌ରେ ସାମିଲ ହୋଇଥିବା ଜଣେ ବନ୍ଧୁ Mr. Labinot Rexhad ସାହେବ ସେ ସେଠାରେ ଗୋଟିଏ ହାଇସ୍କୁଲ୍‌ର ପ୍ରିନ୍ସିପାଲ ଅଛନ୍ତି, ସେ ମଧ୍ୟ ଏହି ଜଲ୍‌ସାରେ ପ୍ରଥମଥର ସାମିଲ ହୋଇଛନ୍ତି । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଜଲ୍‌ସା ସାଲାନା ମୋ ଉପରେ ଏକ ବିଶେଷ ଭାବାତ୍ମକ ପ୍ରଭାବ ପକାଇଛି । ଯେତେବେଳେ ହଜୁର ଅନୱର ଅ:ବ:ଅ ହଲ୍ ଭିତରକୁ ପ୍ରବେଶ କରନ୍ତି ସେତେବେଳେ ସ୍ଲୋଗାନ୍ ଲଗାଯାଉଥିଲା ଏବଂ ହଜୁର ଯେତେବେଳେ କହୁଥିଲେ ଯେ ବସି ଯାଆନ୍ତୁ ସେତେବେଳେ ଏତେ ସଂଖ୍ୟକ ଲୋକେ ତତ୍‌କ୍ଷଣାତ ବସିଯାଉଥିଲେ । ଏହିଭଳି ଦୃଶ୍ୟ କେଉଁଠାରେ ମଧ୍ୟ ଦେଖିବାକୁ ମିଳେନାହିଁ ।

ହଜୁର ଅନୱର ଅ:ବ:ଅଙ୍କ ଅଭିଭାଷଣଗୁଡ଼ିକ ସବୁପ୍ରକାରର ଜ୍ଞାନରେ ପରିପୂର୍ଣ୍ଣ ଥିଲା ଓ ମଣିଷର ଧ୍ୟାନକୁ ଟାଣିନେଉଥିଲା । ସେ ପୁଣି କହୁଛନ୍ତି ଏ ଜଲ୍‌ସା ତିନିଦିନ ହେବା ଠିକ୍ ନୁହେଁ ବରଂ ୩୦ ଦିନ ହେବା ଉଚିତ । ସମସ୍ତ ବ୍ୟବସ୍ଥା ଏତେ ସୁନ୍ଦର ଥିଲା ଯେ, କୌଣସି ପ୍ରକାରର ତ୍ରୁଟି ଦେଖିବାକୁ ମିଳିନାହିଁ । ଆସନ୍ତା ବର୍ଷର ଜଲ୍‌ସାରେ ମୁଁ ସାମିଲ ହେବାପାଇଁ ଉତ୍ସାହିତ ଅଛି । ମୁଁ ବୟତ କରିବାପାଇଁ ମନସ୍ଥ କରିନଥିଲି କିନ୍ତୁ ବୟତ ଚାଲିଥିବା ସମୟରେ ମୋ ମନ ଉପରେ ଏଭଳି ପ୍ରଭାବ ପଡ଼ିଲା ଯେ, ଆପେ ଆପେ ମୋର ଏହି ହାତ ଉଠିଗଲା ଓ ସେହିସବୁ ବୟତର ବାକ୍ୟଗୁଡ଼ିକୁ ଆବୃତି କରିବା ଆରମ୍ଭ କରିଦେଲି ।

କୋସୋଭୋ ପ୍ରତିନିଧିମଣ୍ଡଳରେ ଆଉ ଜଣେ ବନ୍ଧୁ Mr. Afrin Hoxha ସାହେବ ପ୍ରଥମଥର ପାଇଁ ନିଜ ପରିବାରବର୍ଗଙ୍କ ସହିତ ଜଲ୍‌ସା ସାଲାନାରେ ସାମିଲ ହୋଇଥିଲେ ଓ ତାଙ୍କର ପାଂଚଜଣ ବିଶିଷ୍ଟ ପୂରା ପରିବାରଟିକୁ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ସେ କହୁଛନ୍ତି ପ୍ରଥମେ ମତେ ବୟତ କରିବାପାଇଁ ଭୟ ଲାଗୁଥିଲା ଯେ, ଏହା କିପରି ହେବ ଭୟରେ ଥରୁଥିଲା । କିନ୍ତୁ ପ୍ରାୟ ହଜୁରଙ୍କୁ ଦେଖିବାପରେ ଓ ବୟତ କରିବାପରେ ମତେ ଶାନ୍ତି ଅନୁଭବ ହେଲା ଓ ଶରୀରର କମ୍ପନ ବନ୍ଦ ହୋଇଗଲା ।

କୋସୋଭୋ ୱଫଦ୍‌ରେ ସାମିଲ ହୋଇଥିବା ଆଉ ଜଣେ ବନ୍ଧୁ Mr, Minator Nalokw ସାହେବ ବର୍ଣ୍ଣନା କରୁଛନ୍ତି, ମୁଁ ନିଜର ଅନୁଭୁତି ଓ ଭାବନାକୁ ବ୍ୟକ୍ତ କରିବାପାଇଁ ଶବ୍ଦ ପାଉନାହିଁ ଖଲିଫତୁଲ୍ ମସିହିଲଙ୍କ ସହିତ ସାକ୍ଷାତ କରିବାପରେ ଏଭଳି ଅନୁଭବ ହେଉଛି । ଯେମିତି ଏ ଜୀବନ ସମ୍ପୁର୍ଣ୍ଣ ଓ ସଫଳ ହୋଇଗଲା । ମୋ ଜୀବନରେ କେବେଠାରୁ ଏ ଇଚ୍ଛା ଥିଲା ଯେ, ମତେ ଏଭଳି କୌଣସି ବିଶେଷ ବ୍ୟକ୍ତି ମିଳନ୍ତୁ ଯିଏ ଏ ଦୁନିଆ ବିଷୟରେ ଚିନ୍ତା କରୁଥିବେ ଓ ଯାହାଙ୍କ ସହିତ ମିଶି ମୋର ସମସ୍ତ ସମସ୍ୟାର ସମାଧାନ ହୋଇଯିବ ଓ ଦୁଃଖକଷ୍ଟ ଦୂର ହୋଇଯିବ । ଏ ଜଲ୍‌ସାରେ ସାମିଲ ହେବା ପଛରେ ଈଶ୍ୱରଙ୍କର ହାତ ଥିଲା ଏବଂ ବୟତ କରିବା ସମୟରେ ମତେ ଏପରି ଅନୁଭବ ହୋଇଥିଲା ଯେମିତି ମୁଁ ଈଶ୍ୱରଙ୍କ ନିକଟତର ହୋଇଯାଇଛି ।

କୋସୋଭୋର ଏହି ପ୍ରତିନିଧିମଣ୍ଡଳର ହଜୁର ଅନୱର ଅ:ବ:ଅଙ୍କ ସହିତ ଥିବା ଏହି ସାକ୍ଷାତକାର ୭:୧୨ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସଦସ୍ୟମାନେ ହଜୁର ଅନୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ଓ ହାତ ମଧ୍ୟ ମିଳାଇଲେ ।

## ଆଫ୍ରିକାର ମୁବଲ୍ଲିଗିନ୍, ମୁଅଲ୍ଲମିନ୍ ଏବଂ ଯମାତ୍‌ର ସଦସ୍ୟମାନଙ୍କ ସହିତ ସାକ୍ଷାତକାର

ଏହାପରେ ଆଫ୍ରିକାର ଦେଶଗୁଡ଼ିକରୁ ଆସିଥିବା ମୁବଲ୍ଲିଗିନ୍, ମୁଅଲ୍ଲମିନ୍ ଏବଂ ଯମାତ୍‌ର ସଦସ୍ୟମାନେ ହଜୁର ଅନୱର ଅ:ବ:ଅଙ୍କ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ହଜୁର ଅନୱର ଅ:ବ:ଅ ସମସ୍ତଙ୍କୁ ସମ୍ବୋଧନ କରି କହିଲେ ଯେ, କଣ ଆପଣମାନେ ଆପଣମାନଙ୍କ ଦେଶରେ ଏହିଭଳି ଜଲ୍‌ସା ଅନୁଷ୍ଠିତ କରିବେ ? ଏଥିରେ ସମସ୍ତେ ଏକସ୍ୱରରେ କହିଲେ ଆମେ ଇନ୍‌ଶାଅଲ୍ଲାଃ ଚେଷ୍ଟା କରିବୁ ।

ହଜୁର ଅନୱର ଅ:ବ:ଅ ନାଇଜେରିଆରୁ ଆସିଥିବା ସଦସ୍ୟମାନଙ୍କୁ ପଚାରିଲେ ଯେ, ଆପଣମାନଙ୍କୁ ଜଲ୍‌ସା କିଭଳି ଲାଗିଲା ? ଏଥିରେ ଜଣେ ବନ୍ଧୁ କହିଲେ ଯେ, ବହୁତ ସୁନ୍ଦର ବ୍ୟବସ୍ଥା ଥିଲା ବହୁତବଡ଼ ଜଲ୍‌ସା ଥିଲା ଓ ସବୁକାର୍ଯ୍ୟ ସୁଚାରୁ ରୂପେ ପରିଚାଳିତ ହେଉଥିଲା ।

ହଜୁର ଅନୱର ଅ:ବ:ଅ କହିଲେ ଯେ, ନାଇଜେରିଆରେ ବହୁତ ତେଲ ଗଚ୍ଛିତ ଅଛି, କିନ୍ତୁ ସେଠାରେ ବହୁତ ଦୁର୍ନୀତି ଚାଲିଛି । ତେଣୁ ଜଣେ ଅହେମଦୀକୁ ନିଜର ଭୁମିକା ନିର୍ବାହ କରିବା ଉଚିତ ଓ ଏଥିସକାଶେ ବହୁତ ପରିଶ୍ରମ କରିବା ଉଚିତ ।

ଆଉ ଜଣେ ବନ୍ଧୁ କହିଲେ ଯେ, ନୌମୁବାଇନ୍‌ମାନଙ୍କୁ ଆମେ କେମିତି ନିଜାମ୍‌ର ଅଂଶିଦାର ବନାଇପାରିବୁ ? ଏଥିରେ ହଜୁର ଅନୱର ଅ:ବ:ଅ କହିଲେ ଯେଉଁମାନେ ଆସୁଛନ୍ତି ସେମାନେ ସଚ୍ଚା ବାର୍ତା ଯୋଗୁଁ ହିଁ ଆସୁଛନ୍ତି । ତେଣୁ ଦୁଆ ସାହାଯ୍ୟରେ, ନିଷ୍ଠା ସାହାଯ୍ୟରେ ଏବଂ ଦୃଢ଼ ବିଶ୍ୱାସ ଜରିଆରେ ନିଜର ଦୃଷ୍ଟାନ୍ତ କାଏମ୍ କରନ୍ତୁ । ସେମାନଙ୍କୁ ଭଲରେ ତର୍‌ବିୟତ କରନ୍ତୁ ଏବଂ ସେମାନଙ୍କୁ ପ୍ରଶିକ୍ଷଣ ମଧ୍ୟ ଦିଅନ୍ତୁ ଓ ନୂଆ ଅହେମଦୀମାନଙ୍କୁ ଏମ୍.ଟି.ଏ ସହିତ ଯୋଡ଼ି ଦିଅନ୍ତୁ । ଅତିକମ୍‌ରେ ମୋର ଖୁତ୍‌ବା ଶୁଣନ୍ତୁ ।

ହଜୁର ଅନୱର ଅ:ବ:ଅ କହିଲେ ଜଲ୍‌ସାର ଶେଷ ଦିନ ମୋର ଯେଉଁ ଭାଷଣ ଥିଲା ତାହା କେବଳ ଯମାତ୍ ଅହେମଦୀୟା ଜର୍ମାନୀ ପାଇଁ ନଥିଲ ବରଂ ସମଗ୍ର ଦୁନିଆପାଇଁ ଥିଲା । ତାକୁ ଫଲୋ କରନ୍ତୁ, ମୁଁ Charter of Preaching ଦେଇଛି । ଆଁ ହଜ୍‌ରତ୍ ସ:ଆ:ସଙ୍କ ସୁନ୍ଦର ଆଦର୍ଶ ବିଷୟରେ ବତାଇଛି ତେଣୁ ତାହାକୁ ଗ୍ରହଣ କର ଏବଂ ତାହା ଉପରେ ପରିଚାଳିତ ହୁଅ ।

ହଜୁର ଅନୱର ଅ:ବ:ଅ କହିଲେ ନିଜ ଦେଶର ରାଜନେତାମାନଙ୍କୁ କୁହନ୍ତୁ ଯେ, ସେମାନେ ଦେଶ ସେବା କାର୍ଯ୍ୟକୁ ସୁଚାରୁରୂପେ କରାନ୍ତୁ ଏବଂ ଜାତିର ସେବକ ହେଉଛି ସେ ଯିଏ ସେବା କରିଥାଏ । ସାଧାରଣ ଲୋକମାନଙ୍କର ସେବା କରନ୍ତୁ ଏବଂ ଦେଶର ଉନ୍ନତି ପାଇଁ କାର୍ଯ୍ୟ କରନ୍ତୁ ଏବଂ ପରିଶ୍ରମ କରନ୍ତୁ ।

ଆଉ ଜଣେ ବନ୍ଧୁ ୱାକିଫିନେ ନୌ ପିଲାମାନଙ୍କ ସନ୍ଦର୍ଭରେ ଜାଣିବାକୁ ଇଚ୍ଛା ପ୍ରକାଶ କଲେ, ଏଥିରେ ହଜୁର ଅନୱର ଅ:ବ:ଅ କହିଲେ ନିଜ ପିଲାମାନଙ୍କୁ ଆରମ୍ଭରୁ ହିଁ ଶକ୍ଷା ଦିଅନ୍ତୁ । ଉର୍ଦ୍ଦୁ ଶିଖାନ୍ତୁ ସେହିପରି ଅନ୍ୟ ଭାଷା ମଧ୍ୟ ଶିଖାନ୍ତୁ ଆମକୁ ଡ଼ାକ୍ତର, ଶିକ୍ଷକ ଏବଂ ଓକିଲମାନଙ୍କର ଆବଶ୍ୟକ ଅଛି । ବିଭିନ୍ନ ଭାଷାବିତ ମାନଙ୍କର ଆବଶ୍ୟକ ଅଛି ।

ନାଇଜେରିଆ ଦେଶରୁ ଆସିଥିବା ଜଣେ ବନ୍ଧୁ କହିଲେ, ଯେଉଁମାନେ ସରକାରଙ୍କ ସମର୍ଥନରେ ଅଛନ୍ତି ସେମାନଙ୍କ ଉପରେ ଦେଶଦ୍ରୋହୀମାନଙ୍କ ତରଫରୁ ସନ୍ତ୍ରାସବାଦ ଆକ୍ରମଣ କରାଯାଉଅଛି । ଏଥିରେ ହଜୁର ଅନୱର ଅ:ବ:ଅ କହିଲେ, ଯିଏ ସରକାରଙ୍କ ବିରୋଧରେ ଛିଡ଼ା ହେଉଛି ତାଙ୍କୁ ସମର୍ଥନ କରନାହିଁ । ସରକାରଙ୍କଠାରୁ କାମ ନିଅ ଓ ସବୁପ୍ରକାର ବିଭ୍ରାଟକୁ ରୋକିବା ପାଇଁ ସରକାରଙ୍କୁ ସାହାଯ୍ୟ ସହଯୋଗ କର । ଯଦି ସରକାରୀ କର୍ମୀ ଆସୁଛନ୍ତି ତାଙ୍କୁ ସଠିକ ବିବରଣୀ ପ୍ରଦାନ କର ।

ଆଉ ଜଣେ ବନ୍ଧୁ କହିଲେ ଯେ, ବ୍ୟାଙ୍କରୁ ଋଣ ନେଇ ଲୋକମାନେ ଋଣବୋଝ ତଳେ ଦବି ଯାଉଛନ୍ତି । ଏଥିରେ ହଜୁର ଅନୱର ଅ:ବ:ଅ କହିଲେ ବ୍ୟାଙ୍କରୁ କାହିଁକି ଋଣ ନେଉଛନ୍ତି ? ଏହା ତ ଭୁଲ୍‌ମାର୍ଗ ସେଥିରୁ ବଂଚି ରହିବା ଉଚିତ କରଜ ନେବା ଠିକ୍ ନୁହେଁ କରଜ ନେଇ ନିଜେ ହିଁ ସେଥିରେ ଫସି ଯାଉଛନ୍ତି ।

କଙ୍ଗୋ କନ୍‌ସାସାରୁ ଆସିଥିବା ଜଣେ ବନ୍ଧୁ କହିଲେ ଯେ, କଙ୍ଗୋରେ ଅନେକ ସମସ୍ୟା ଥିଲା ସେଠାରେ ନିର୍ବାଚନ ଥିଲା ତେଣୁ ବିଭ୍ରାଟ ସୃଷ୍ଟି ହେବାର ବିପଦ ଥିଲା । କିନ୍ତୁ ହଜୁର ଅନୱର ଅ:ବ:ଅଙ୍କ ପ୍ରାର୍ଥନା ବଳରେ ଶାନ୍ତି ହୋଇଯାଇଛି ଓ ସବୁପ୍ରକାର ସମସ୍ୟା ସମାଧାନ ହୋଇଯାଇଛି । କୌଣସି ପ୍ରକାରର ଅସୁବିଧା ହେଲା ନାହିଁ । ସେ ମହାଶୟ ସେଠାରେ ଯମାତ୍‌ର ଉନ୍ନତି ପାଇଁ ଦୁଆ କରିବାକୁ ନିବେଦନ କଲେ ।

ଆଫ୍ରିକୀୟ ଲୋକମାନଙ୍କର ହଜୁର ଅନୱର ଅ:ବ:ଅଙ୍କ ସହିତ ଏହି ସାକ୍ଷାତକାର ୮:୧୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ୱଫଦ୍‌ର ସଦସ୍ୟମାନେ ସେମାନଙ୍କର ଦେଶ ମୁତାବକ ଫଟୋ ଉତୋଳନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ଓ ହଜୁରଙ୍କ ସହିତ ହାତ ମିଳାଇବାର ସୌଭାଗ୍ୟ ମଧ୍ୟ ପାଇଲେ ।

## ଫ୍ୟାମିଲି ସାକ୍ଷାତକାର

ଏହାପରେ ହଜୁର ଅନୱର ଅ:ବ:ଅ ନିଜ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କଲେ,

*ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan